**ସଂକ୍ଷେପରେ**

## ଟ୍ରକ୍ ପଛରେ ପିଟି ହେଲା କାର୍, ୨ ଗୁରୁତର




**ଧର୍ମଶାଳା, ୧୧।୮ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ନେଉଳପୁର ନିକଟରେ ଏକ ଟ୍ରକ୍ ପଛରେ କାର୍ ପିଟି ହୋଇଛି। ଫଳରେ କାର୍ ଚାଳକଙ୍କ ସମେତ ୨ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଗୁରୁତର ଦ୍ୱୟଙ୍କୁ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ କଟକ ମେଡିକାଲକୁ ପଠାଇ ଦିଆଯାଇଛି। ସମାନଙ୍କ ପରିଚୟ ମିଳିପାରି ନାହିଁ। କଟକ ଅଭିମୁଖେ ଯାଉଥିବା ଓଡି-୦୫-ବିଏସ-୪୯୭୦ ନଂ. କାର ନେଉଳପୁରଠାରେ ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକ ପଛକୁ ଧକ୍କା ଦେଇଥିଲା। ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ କାରକୁ ଜବତ କରି ତଦନ୍ତ ଚଳାଇଛି।

# ଦର ବୃଦ୍ଧି ପାଇଁ ମଧ୍ୟାହ୍ନଭୋଜନ ପ୍ରଭାବିତ

- ମଧ୍ୟାହ୍ନଭୋଜନକୁ ଅଡୁଆ ଅଣ୍ଡା, ଆଳୁ
- ବିଦ୍ୟାର୍ଥୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ ଲୋକଦେଖାଣିଆ

**ରସୁଲପୁର, ୧୧।୮ (ରଞ୍ଜିତ ରାଉତ):**



ରସୁଲପୁର ବ୍ଲକ ଅଧୀନ ୧୯୫ ବିଦ୍ୟାଳୟ ଓ ୨୬୬ ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉଛି। ଏହାଦ୍ୱାରା ବିଦ୍ୟାଳୟରେ ୯ ହଜାରରୁ ଊର୍ଦ୍ଧ୍ୱ ଓ ଅଙ୍ଗନୱାଡି କେନ୍ଦ୍ରରେ ୬ହଜାରରୁ ଊର୍ଦ୍ଧ୍ୱ ପିଲା ଉପକୃତ ହେଉଛନ୍ତି। ତେବେ ଅଣ୍ଡା, ଆଳୁ, ପନିପରିବାର ବଜାର ଦରର ଅହେତୁକ ବୃଦ୍ଧି ଯୋଗୁ ମଧ୍ୟାହ୍ନଭୋଜନ ପୁଷ୍ଟିହୀନ ହୋଇପଡ଼ିଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କେବଳ ଲୋକଦେଖାଣିଆ ହୋଇଛି। ଅଙ୍ଗନୱାଡି କେନ୍ଦ୍ରରେ ଅଣ୍ଡା ଯୋଗାଇବା ଅସମ୍ଭବ ହୋଇପଡ଼ିଥିବାରୁ କେନ୍ଦ୍ର ପକ୍ଷରୁ ଘରକୁ ଅଣ୍ଡା ଦିଆଯାଉଛି। କେତେକ କ୍ଷେତ୍ରରେ କମିଟି ଓ କର୍ମୀଙ୍କ ବୁଝାମଣାରେ ଅଭିଭାବକଙ୍କୁ ମୁଣ୍ଡପିଛା ଆସୁଥିବା ଅର୍ଥକୁ ବାଣ୍ଟି ଦିଆଯାଉଛି। ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧିକୁ ଦୃଷ୍ଟି ଦେଇ ମଧ୍ୟାହ୍ନଭୋଜନ ପାଇଁ ବ୍ୟୟବରାଦ ହେଉଥିବା ଅର୍ଥର ପରିମାଣ ତୁରନ୍ତ ବଢ଼ାଇବାକୁ ଅନୁଷ୍ଠାନଗୁଡ଼ିକର ପରିଚାଳନା କମିଟି, ମାତୃ କମିଟି, ଯାଞ୍ଚ କମିଟି, ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରାଭିଭାବକମାନଙ୍କ ମହଲରେ ଦାବି ହୋଇଛି।

ଅଙ୍ଗନୱାଡି କେନ୍ଦ୍ରରେ ସୋମବାରକୁ ବାଦ୍ ଦେଇ ପ୍ରତ୍ୟେକ କାର୍ଯ୍ୟ ଦିବସରେ ପିଲାଙ୍କୁ ଅଣ୍ଡା ଯୋଗାଇବାର ବ୍ୟବସ୍ଥା ରହିଛି। ଗରମ ରନ୍ଧାଖାଦ୍ୟରେ ଭାତ, ସିଝା ଅଣ୍ଡା ଓ ଆଳୁ ଝୋଳ ତରକାରୀ କୁନି ପିଲାମାନଙ୍କୁ ପରଷିବା ପାଇଁ କୁହାଯାଇଛି। ସେହିପରି ବିଦ୍ୟାଳୟସ୍ତରରେ ୧ରୁ୫ମ ଶ୍ରେଣୀ ପିଲାଙ୍କ ପାଇଁ ମୁଣ୍ଡପିଛା ୧୦୦ଗ୍ରାମ ଓ ୬ଷ୍ଠରୁ ୮ମ ଶ୍ରେଣୀ ପିଲାମାନଙ୍କ ପାଇଁ ୧୫୦ଗ୍ରାମ ଚାଉଳର ଭାତ, ପୁଷ୍ଟିକର ଡାଲମା, ସୋୟାବିନ ତରକାରି, ଶନିବାର ଓ ବୁଧବାରରେ ଅଣ୍ଡା ତରକାରି ପ୍ରଦାନ କରାଯିବା ପାଇଁ ତାଲିକା ପ୍ରସ୍ତୁତ ହୋଇଛି। ଏଥିପାଇଁ ଅଙ୍ଗନୱାଡି କେନ୍ଦ୍ର ପିଲା ଓ ୧ରୁ୫ମ ଶ୍ରେଣୀ ପିଲାଙ୍କ ମୁଣ୍ଡ ପିଛା ୫.୯୦ଟଙ୍କା ଓ ୬ଷ୍ଠରୁ ୮ମ ଶ୍ରେଣୀ ପିଲାଙ୍କ ପାଇଁ ମୁଣ୍ଡ ପିଛା ୮.୮୨ ଟଙ୍କା ହିସାବରେ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଗୋଟିଏ ଅଣ୍ଡାର ବଜାର ଦର ୭ ଟଙ୍କା, ଆଳୁ କିଲୋ ୫୦ରୁ୬୦ ଟଙ୍କା, ବାଇଗଣ ଦର ୮୦ଟଙ୍କା ରହିଥିବାବେଳେ ଏହାକୁ ବାଦ୍‌ଦେଇ ଉଦ୍ଦିଷ୍ଟ ଅର୍ଥରେ ତେଲ, ମସଲା, ଜାଳେଣି କ୍ରୟ କରାଯିବ। ତେଣୁ ଉଦ୍ଦିଷ୍ଟ ଅର୍ଥରେ ମଧ୍ୟାହ୍ନଭୋଜନ ପରିଚାଳନା ଆଦୌ ସମ୍ଭବ ହେଉ ନ ଥିବାବେଳେ ପ୍ରସ୍ତୁତ ମଧ୍ୟାହ୍ନ ଭୋଜନର ମାନ ପରଖିବା ନିୟମ ଏକ ପ୍ରକାର ମୂଲ୍ୟହୀନ ହୋଇପଡିଛି। ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ପରିବା ବଗିଚା ସୃଷ୍ଟି କରିବାକୁ କୁହାଯାଇଛି। ଏଯାବତ୍ ଏହି ଲକ୍ଷ୍ୟ ଅଧିକାଂଶ ଶିକ୍ଷାନୁଷ୍ଠାନରେ ସମ୍ଭବ ହୋଇପାରିନାହିଁ। ଏ ସବୁ କାରଣରୁ ବିଦ୍ୟାଳୟରେ ପୁଷ୍ଟିକର ଖାଦ୍ୟ ଯୋଗାଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାହାର ପ୍ରମାଣ ରାଜ୍ୟରେ ପିଲାଙ୍କ ପୁଷ୍ଟିହୀନତାକୁ ନେଇ କରାଯାଇଥିବା ସର୍ଭେ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଏବେ ବି ଓଡ଼ିଶାରେ ୩୦ପ୍ରତିଶତରୁ ଊର୍ଦ୍ଧ୍ୱ ପିଲା ଅପପୁଷ୍ଟିର ଶିକାର ବୋଲି ଜଣାପଡ଼ିଛି। ଶିଶୁଙ୍କ ସୁସ୍ଥ ଜୀବନ, ସନ୍ତୁଳିତ ମସ୍ତିଷ୍କ, ଶାରୀରିକ ଅଭିବୃଦ୍ଧି ଘଟାଇବା ପାଇଁ ଖାଦ୍ୟ ସାରଣୀ ଅନୁଯାୟୀ ମଧ୍ୟାହ୍ନଭୋଜନ ପରିବେଷଣ କରାଯିବା ବିଧି ପାଳନ କରିବା କଷ୍ଟକର ହୋଇପଡ଼ିଛି।

ମଧ୍ୟାହ୍ନଭୋଜନ ବନ୍ଦ ହୋଇପାରିବ ନାହିଁ ବୋଲି ରହିଥିବା ନିୟମକୁ ପାଳନ କରିବା ପାଇଁ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ଗରମ ରନ୍ଧାଖାଦ୍ୟ ପ୍ରସ୍ତୁତ କରାଯାଉଛି। ତେବେ ତାହା ରୁଚିକର ଓ ପୁଷ୍ଟିକର ହେଉଛି କି ନାହିଁ ଦର ବୃଦ୍ଧି ସାଙ୍ଗକୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ଅର୍ଥ ବ୍ୟବସ୍ଥାରୁ ସ୍ପଷ୍ଟ ବୁଝାପଡୁଛି। ଏନେଇ ମଧ୍ୟାହ୍ନଭୋଜନ ପରିଚାଳନା ଦାୟିତ୍ୱରେ ଥିବା ଏବିଇଓ ପ୍ରଭଞ୍ଜନ ପତିଙ୍କୁ ପଚାରିବାରୁ ସେ କହିଛନ୍ତି, ମଧ୍ୟାହ୍ନଭୋଜନ ପ୍ରତ୍ୟେକ ବିଦ୍ୟାଳୟରେ ଚାଲୁଛି। ଏହିଭଳି ନିଅଣ୍ଟିଆ ସ୍ଥିତିରେ ମଧ୍ୟାହ୍ନଭୋଜନ ଚାଳାଇ ଆସୁଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସେ ଶ୍ରେୟ ଦେଇଛନ୍ତି। ତେବେ ମଧ୍ୟାହ୍ନଭୋଜନ ପାଇଁ ଉଦ୍ଦିଷ୍ଟ ସରକାରୀ ଅର୍ଥର ପରିମାଣରେ ବୃଦ୍ଧି ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି ବୋଲି ପତି ମତ ଦେଇଛନ୍ତି। ସେହିପରି ସିଡିପିଓ ସଂଯୁକ୍ତା ଘଡ଼େଇଙ୍କୁ ପଚାରିବାରୁ ସେ କହିଛନ୍ତି, କେନ୍ଦ୍ରରେ ଦିଆଯାଉଥିବା ଗରମ ରନ୍ଧାଖାଦ୍ୟକୁ ଯାଞ୍ଚ କମିଟି, ମାତୃ କମିଟି, ୱାର୍ଡସଭ୍ୟାସଭ୍ୟ ଓ କେନ୍ଦ୍ରର କର୍ମୀମାନଙ୍କ ସହାୟତାରେ ପରିଚାଳନା କରାଯାଉଛି। ଦରଦାମ୍ ବୃଦ୍ଧି ଯୋଗୁ କେନ୍ଦ୍ରରେ କ'ଣ ସବୁ ଅସୁବିଧା ଦେଖାଯାଉଛି ସେ ନେଇ ଜିଲା ଅଧିକାରୀଙ୍କୁ ଅବଗତ କରାଯାଇଛି। ଏଥିସହିତ ଭିଡିଓ କନଫରେନ୍ସ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଉଭୟ ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

## ମୁଖିଆ ପଦରେ ଅଭିଷିକ୍ତ ହେଲେ ରାମଚନ୍ଦ୍ର

**ବିଞ୍ଝାରପୁର, ୧୧।୮ (ରାମକୃଷ୍ଣ ଦାସ):**

ବର୍ତ୍ତମାନ ଆଧୁନିକ ଯୁଗରେ ପୁରୁଣା, ସଂସ୍କୃତି ପରମ୍ପରା ଏବେ ବି ବଞ୍ଚିରହିଛି। ପିତାଙ୍କ ସ୍ୱର୍ଗବାସ ପରେ ପୁତ୍ର ବୈଦିକ ବିଧି ମୁତାବକ ମୁଖିଆ ପଦରେ ଅଭିଷିକ୍ତ ହୋଇଛନ୍ତି। ଏହି ପରମ୍ପରା ଦେଖିବାକୁ ମିଳିଛି ବିଞ୍ଝାରପୁର ବ୍ଲକ୍ ଅଧୀନ ମାଁସଡ଼ା ପଞ୍ଚାୟତ ଗୌଡ଼ସାହି ଗ୍ରାମରେ। ପିତା କାର୍ତ୍ତିକ ବେହେରାଙ୍କ ସ୍ୱର୍ଗବାସର ଏକ ବର୍ଷପରେ ତାଙ୍କ ପୁତ୍ର ରାମଚନ୍ଦ୍ର ମୁଖିଆ ପଦ ସମ୍ଭାଳିଛନ୍ତି। ଏହି ବ୍ଲକ୍‌ର ୩୬ ପତାର ନିଆରି, ରାଢ଼ି, କୈବର୍ତ୍ତ ସମାଜର ମୁଖିଆ ଭାବରେ ସେ ପଦଭାର ଗ୍ରହଣ କରିଛନ୍ତି। ଶୁକ୍ରବାର ପ୍ରଭାତ ସମୟରୁ ଏହି ଅଭିଷିକ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ପଞ୍ଚନଦୀ ଜଳରେ ରାମଚନ୍ଦ୍ରଙ୍କୁ ସ୍ନାନପରେ ବ୍ରାହ୍ମଣ ବ୍ରଜକିଶୋର ଦାଶ, ରତ୍ନାକର ମିଶ୍ର, ପ୍ରମୋଦ ନନ୍ଦ, ଅନିଲ ଦାଶ, ପର୍ଶୁରାମ ମିଶ୍ର, ଗଜାନନ ପତି, ଶରତ ଚନ୍ଦ୍ର ମିଶ୍ର, ପ୍ରମୋଦ ମିଶ୍ର, କାର୍ତ୍ତିକ ପଣ୍ଡା ପ୍ରମୁଖଙ୍କ ବେଦପାଠରେ ସାମନ୍ତ ଚୌଧୁରୀ ଦେବପ୍ରସାଦ ଦକ୍ଷିଣରାୟ ମହାପାତ୍ର ରାମଚନ୍ଦ୍ରଙ୍କୁ ଶିରିପା ବାନ୍ଧିବା ସହ ପଦ ଗୋପନୀୟତାର ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଘଣ୍ଟିଆଳି, ବଣିଆପାଳ, ବଡ଼ପାଳ, କାଣ୍ଡିସାହି, ବାଙ୍କିପାଳ, କଏଣା, ବିଞ୍ଝାରପୁର, ନରୁଆ, ମାଧପୁର, କପିଳା, ଗୌଡ଼ସାହି, ବେଲପାଳ, ରୁଦ୍ରପୁର, ବାଛଳ, ମଲ୍ଲିଆ, ଓଲେଇ, ସିଂହପୁର, ସୁନ୍ଦରପୁର, ମଧୁସୂଦନପୁର, କଣ୍ଟିପୁର, ରଣପୁର, ମଲ୍ଲିପୁର, ରାଉତରା, ଚନ୍ଦ୍ରମୁଁ, ହଳଦିଡିହ, ବାଙ୍ଗରା, ଜରୀ ମୌଜାର ନିଆରି, ରାଢ଼ି, କୈବର୍ତ୍ତ ସମାଜର ପ୍ରତିନିଧିମାନେ ଉପସ୍ଥିତ ରହି ରାମଚନ୍ଦ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।




ରାମଚନ୍ଦ୍ରଙ୍କୁ ମୁଖିଆ ପଦରେ ଅଭିଷିକ୍ତ କରାଯାଉଛି।

## ବଜାରରେ ନକଲି ସାର, ଚିନ୍ତାରେ ଚାଷୀ



ଖୋଲାରେ ମିଳୁଥିବା ନକଲି ସାର।

**ଚଣ୍ଡିଖୋଲ, ୧୧।୮ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଚଳିତ ବର୍ଷ ବିଳମ୍ବରେ ବର୍ଷା ହେବାରୁ ଚାଷୀ ଶ୍ରାବଣ ମାସରେ ଧାନ ରୁଆ, ପୋତା ଓ ବେଉଷଣ କାମ ଆରମ୍ଭ କରିଛନ୍ତି। ଏହି ସମୟରେ ସାରର ଆବଶ୍ୟକତା ଥିବାବେଳେ ଏବେ ବଜାରରେ ନକଲି ସାର ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଫଳରେ ଏହାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ, ବାଲିଚନ୍ଦ୍ରପୁର, ଛତିଆ ଓ ବାଲିକୁଦା ବଜାରରେ ଏଭଳି ନକଲି ସାର ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଅସଲି ଓ ନକଲି ସାର କିଏ ତାହା ଜାଣିବା କଷ୍ଟକର। ସାଧାରଣତଃ ଧାନ ରୁଆ ହେବା ସମୟରେ ଗ୍ରୋମର ଓ ପଟାସ ସାରର ବିଶେଷ ଆବଶ୍ୟକତା ଥାଏ। ଏବେ ବଜାରରେ ଗ୍ରୋମୋର ସାର ବସ୍ତା ପିଛା ୧,୭୫୦ ଟଙ୍କାରେ ବିକ୍ରି ହେଉଥିବାବେଳେ ପଟାସ ସାର ୯୫୦ ଟଙ୍କାରୁ ଆରମ୍ଭ କରି ୧,୦୫୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ୟୁରିଆ ସାର ୩୫୦ ଟଙ୍କାରୁ ଆରମ୍ଭ କରି ୪୫୦ ଟଙ୍କାରେ ବିକ୍ରି ହେଉଛି। ସରକାରୀ ମୂଲ୍ୟଠାରୁ ଏହା ଅଧିକ ଦରରେ ବିକ୍ରି ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀଙ୍କ ଅଭିଯୋଗଯେ, ପ୍ରତ୍ୟେକ ସାରର ମୂଲ୍ୟଠାରୁ ୧୦୦ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟୀମାନେ ଅଧିକ ମୂଲ୍ୟରେ ବିକ୍ରି କରୁଛନ୍ତି। ସେହିପରି ନକଲି ସାରକୁ ଚାଷ ଜମିରେ ବ୍ୟବହାର କଲେ ତା'ର ସୁଫଳ ମିଳୁନାହିଁ। ତୁରନ୍ତ କୃଷି ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀ କୁଳମଣି ଦାସ, ଅର୍ଜୁନ ସିଂହ, କ୍ଷୀତିଶ ପଲେଇ ଓ ବଳରାମ ରଣା ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବଡ଼ଚଣା ବ୍ଲକ କୃଷି ଅଧିକାରୀ ଲୋକନାଥ ମିଶ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ପାରିନାହିଁ।

## ଖସୁନି ଆଳୁ ଦର

**ଧର୍ମଶାଳା, ୧୧।୮ (ବଟକୃଷ୍ଣ ପରିଡା):**

ବଜାରରେ ଆଳୁଦର ଦିନକୁ ଦିନ ଆକାଶ ଛୁଆଁ ହେଉଥିବାବେଳେ ଏହାର ପ୍ରଭାବ ସିଧାସଳଖ ଖାଉଟିଙ୍କ ଉପରେ ପଡୁଛି। ଦୀର୍ଘ ଦିନ ହେଲା ଆଳୁର ଦର ବଢୁଛି। ହେଲେ ପ୍ରଶାସନ ଦର ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି। ଧର୍ମଶାଳା ବ୍ଲକର ବିଭିନ୍ନ ବଜାରରେ ରବିବାର ଆଳୁ କିଲୋପ୍ରତି ୫୦ରୁ ୬୦ଟଙ୍କାରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗରୁ ଆଳୁ ଆସି ନ ପାରିବାରୁ ଏଭଳି ଭାବେ ମୂଲ୍ୟ ବୃଦ୍ଧି ପାଉଛି ବୋଲି ବ୍ୟବସାୟୀମାନେ କହିଛନ୍ତି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ବଦଳରେ ଉତ୍ତରପ୍ରଦେଶରୁ ଆଳୁ ଆଣିବାକୁ ସରକାର ବ୍ୟବସ୍ଥା କରିଥିବାବେଳେ ଏବେ ମହାରାଷ୍ଟ୍ରରୁ ଆଳୁ ଆଣିବାକୁ ସ୍ଥିର କରିଛନ୍ତି। ଦିନେ ଦୁଇ ଦିନ ଭିତରେ ଆଳୁ ଦର ନିୟନ୍ତ୍ରଣ ହୋଇଯିବ ବୋଲି ସରକାର କହିଛନ୍ତି। ତେବେ ପୂର୍ବ ବର୍ଷଗୁଡ଼ିକରେ ଆଳୁ ସଙ୍କଟବେଳେ ମୂଲ୍ୟ ୩୫ ଟଙ୍କା ପର୍ଯ୍ୟନ୍ତ ଯାଇଥିବାବେଳେ ଏବେ ଏହା ଅଧିକା ହୋଇଛି। ତେଣୁ ସରକାର ଓ ଜିଲା ପ୍ରଶାସନ ଦର ନିୟନ୍ତ୍ରଣ ଦିଗରେ ଧ୍ୟାନ ଦେବାକୁ ଖାଉଟିମାନେ ଦାବି କରିଛନ୍ତି।

## କଳିଙ୍ଗନଗର ଶିଳ୍ପାଞ୍ଚଳ ଖବରଦାତାଙ୍କ ବନ୍ଧୁମିଳନ



ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା କଳିଙ୍ଗନଗର ଶିଳ୍ପାଞ୍ଚଳର ଖବରଦାତାମାନେ।

**କଳିଙ୍ଗନଗର, ୧୧।୮ (ଶୁଭାଶିଷ ରାଉତ):**

କଳିଙ୍ଗନଗର ଶିଳ୍ପାଞ୍ଚଳରେ କାର୍ଯ୍ୟରତ ଖବରଦାତାଙ୍କ ଏକ ବନ୍ଧୁମିଳନ ଓ ଏକତା ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ଧୂଳିଗଡ଼ ପଞ୍ଚାୟତ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଳ୍ପାଞ୍ଚଳ ଖବରଦାତାଙ୍କ ଏକତା, ଭାଇଚାରା ଓ ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଛି। ପୂର୍ବରୁ ଏଠାରେ ଏକାଧିକ ସଂଗଠନରେ ଖବରଦାତା ସାମିଲ ରହିଥିବାବେଳେ ଏଥିପାଇଁ ଅନେକ ସମୟରେ ଏକତା ଓ ଭାଇଚାରା କ୍ଷୁଣ୍ଣ ହେଉଥିଲା। ଯାହାର ସମାଧାନ ପାଇଁ ପଦକ୍ଷେପ ସ୍ୱରୂପ ଶିଳ୍ପାଞ୍ଚଳର ସମସ୍ତ ଖବରଦାତା ଗୋଷ୍ଠୀ ଓ ପୂର୍ବ ସଂଗଠନଠାରୁ ଊର୍ଦ୍ଧ୍ୱରେ ରହି ଭାଇଚାରାରେ ବାନ୍ଧି ହେବା ପାଇଁ ସମସ୍ତେ ଶପଥ ନେଇଥିଲେ। ଖବରଦାତାମାନେ ଗରିବ, ଅସହାୟ ଓ ନିଷ୍ପେଷିତଙ୍କ ନ୍ୟାଯ୍ୟ ଅଧିକାର ଲଢ଼େଇରେ କର୍ଣ୍ଣଧାର ହେବାପାଇଁ ଆଗେଇ ଆସିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ଭିନ୍ନଭିନ୍ନ ସଂଗଠନରେ ରହିବା ସତ୍ତ୍ୱେ ସମସ୍ତେ ଏକତା ସୂତ୍ରରେ ସମସ୍ତ ଜାତୀୟ ଦିବସକୁ ପାଳନ କରିବା, ଓଡ଼ିଶାର ପର୍ବ ପର୍ବାଣି ପାଳିବା ସହିତ ମିଳିତ ଭାବେ ପରିଦର୍ଶନ କାର୍ଯ୍ୟକ୍ରମରେ ସାମିଲ ହେବାକୁ ନିଷ୍ପତ୍ତି ହୋଇଥିଲା। ସମ୍ମେଳନରେ ବରିଷ୍ଠ ଖବରଦାତା ରଙ୍ଗ ବଲ୍ଲଭ ସାହୁ, ପ୍ରଦୀପ କୁମାର ଚାନ୍ଦ, ଦୁଷ୍ମନ୍ତ କୁମାର ଘଡ଼ାଇ, ବିପ୍ଲବ ବିଜୟ ପଣ୍ଡା, ପ୍ରଦୀପ କୁମାର ଜେନା, ଶୁଭାଶିଷ ରାଉତ, ଅମିୟ ଘଡ଼ାଇ, ଅଭୟ ଲୋଚନ ନାୟକ, ଶ୍ରୀକାନ୍ତ ମହାପାତ୍ର, ଦିଲୀପ କୁମାର ପରିଡ଼ା, ଅବିନାଶ ମିଶ୍ର, ପଦ୍ମନାଭ ପହି, ଅନୁଜ ମଲିକ, ତୁଷାର ସାହୁ, ଶୁଭାଶିଷ ଦାସ ମହାପାତ୍ର, ମୃତ୍ୟୁଞ୍ଜୟ ଦେଓ, ରାକେଶ ଘଡ଼ାଇ, ବିଜୟରଶ୍ମି ତ୍ରିପାଠୀ, ବିଶ୍ୱମୋହନ ସାମଲ ଓ ଚିତ୍ତରଞ୍ଜନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ରକ୍ତଦାନ, ସ୍ୱାସ୍ଥ୍ୟସେବା ଶିବିର

**ଚଣ୍ଡିଖୋଲ, ୧୧।୮ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଚଣ୍ଡିଖୋଲ ଉଦିୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟ ଓ ରୋଟାରି କ୍ଲବ୍ ଅଫ ଭୁବନେଶ୍ୱର ଓ କଟକ ତେରାପନ୍ଥ ଯୁବକ ପରିଷଦ ସହଯୋଗରେ ଧାନମଣ୍ଡଳ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରାକ୍ତନ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଡା.କେଦାର ନାଥ ଦାଶ, ସମ୍ମାନିତ ଅତିଥି ମାଧୁରୀ ଶତପଥୀ, ବଡ଼ଚଣା ବ୍ଲକ ଉପାଧ୍ୟକ୍ଷ ବିଭାଶ ଚନ୍ଦ୍ର ନନ୍ଦ, ଗାନ୍ଧୀ ପ୍ରଚାରକ ରାମଚନ୍ଦ୍ର ଶୁକ୍ଳ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କଟକ କେନ୍ଦ୍ରୀୟ ରେଡ଼କ୍ରସ ରକ୍ତଭଣ୍ଡାର ଡାକ୍ତର ବିନାୟକ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ୭୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଇତିଶ୍ରୀ ପରିଡ଼ା, ସୋନାଲି ନାଥ, ଯାଜ୍ଞସେନୀ ଜେନା, କ୍ରିଷ୍ଟା ସ୍ୱରଞ୍ଜିକା ଭଞ୍ଜ, ମାନସୀ ଦାଶ, ସୁଜିତ କୁମାର ସିଂହ, ଅନିଲ କୁମାର ପାତ୍ର, ଅଜିତ କିଶୋର ନାୟକ ପ୍ରମୁଖ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଏହାପରେ ଏହି ଶିବିର ମଧ୍ୟରେ କିଓରବାଏ ଇ କ୍ଲିନିକ ସହଯୋଗକ୍ରମେ ଡା. ଦେବପ୍ରୀୟ ଷଡ଼ଙ୍ଗୀ ମାଗଣାରେ ବିଭିନ୍ନ ରୋଗର ପରୀକ୍ଷା କରିଥିଲେ। ଏଥିରେ ପାଖାପାଖି ୪୦୦ରୁ ଊର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଅନୁଷ୍ଠାନ ସଭାପତି ଅବିନାଶ ଜେନା, ଉପସଭାପତି ପ୍ରକାଶ କୁମାର ନାୟକ, କନକଲତା ବେହେରା, ଗାୟତ୍ରୀ ଜେନା, ସୁଜାତା ସାମଲ, ବିଷ୍ଣୁପ୍ରିୟା ମହାନ୍ତି, ସୁଜିତ ଦାସ, ଆଶୁତୋଷ ମିଶ୍ର, ଗୌରାଙ୍ଗ ସାହୁ, ବେଣୁଧର ପ୍ରଧାନ, ସୁଶାନ୍ତ କୁମାର ଜେନା, କୋଷାଧ୍ୟକ୍ଷା ପାର୍ବତୀ ସାହୁ, ମୋନାଲିସା ପ୍ରଧାନ, ଶର୍ମିଷ୍ଠା ଜେନା, କ୍ରିଷ୍ଟାଲତା ଭୂୟାଁ, ବାନାବର ବିଶ୍ୱାଳ, ଜମୁନା ଜେନା, ବିପିନ ବିଶ୍ୱାଳ, କମଳାକାନ୍ତ ସ୍ୱାଇଁ, ସନ୍ତୋଷ କୁମାର ସାହୁ, ଗୀତାଞ୍ଜଳୀ ମିଶ୍ର ଓ ମମତା ରାଉତ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅନିଲ କୁମାର ଦାସ ଧନ୍ୟବାଦ ଦେଇଥିଲେ।



ଶିବିରରେ ଯୁବକମାନେ ରକ୍ତଦାନ କରୁଛନ୍ତି।

## ମରଣଯନ୍ତା ନରସିଂହପୁର-ମାଝିପାଟଣା ବନ୍ଧ ରାସ୍ତା

**କାଏମା, ୧୧।୮ (ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଉତ୍ତରପ୍ରତାପ ପଞ୍ଚାୟତର ନରସିଂହପୁରଠାରୁ ମାଝିପାଟଣା ବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି। ହେଲେ ଏନେଇ ପୂର୍ତ୍ତ ବିଭାଗର କୌଣସି ନିଘାନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ରାସ୍ତାରେ କେଉଁଠି ପିଚୁ ଉଠିଗଲାଣି ତ କେଉଁଠି ସୃଷ୍ଟି ହୋଇଛି ବିରାଟ ଗର୍ତ୍ତ। ବର୍ଷା ହେଲେ ରାସ୍ତା ଉପରେ ଜମୁଛି ଆଣ୍ଠୁଏ ପାଣି। ଏହି ବନ୍ଧ ରାସ୍ତା ଉପରେ ଚଇନୁହୁଡ଼ା, ମାଝିପାଟଣା, ଅଲଣିସାହୁ ପାଟଣା, ସ୍ୱାଇଁସାହି, ରାଏପଡ଼ା, ଦେଓଦା ଅଞ୍ଚଳର ଲୋକେ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ମାତ୍ର ରାସ୍ତା ଖରାପ ଥିବାରୁ ଅନେକ ସମୟରେ ଏଠାରେ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଛି। ଛୋଟ ପିଲାମାନେ ସ୍କୁଲକୁ ଯିବା ଆସିବା ସମୟରେ ମଧ୍ୟ ଅନେକ ସମସ୍ୟା ଦେଇ ଯାତାୟାତ କରୁଛନ୍ତି। ଅପରିଷ୍କାର ପାଣିରେ ପଶି ଯିବାଦ୍ୱାରା ସେମାନେ ଥଣ୍ଡା ଜ୍ୱରରେ ଆକ୍ରାନ୍ତ ହେଉଛନ୍ତି ବୋଲି ଅଭିଭାବକ କହିଛନ୍ତି।



ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମା।

ଏହି ରାସ୍ତା ଜଳ ସମ୍ପଦ ବିଭାଗ ଦ୍ୱାରା ବହୁ ବର୍ଷ ପୂର୍ବେ ପିଚୁ କରାଯାଇଥିଲା। ଏହାର ଅବସ୍ଥା ଅତି ଶୋଚନୀୟ ହେବାପରେ ୨୦୨୩ ସେପ୍ଟେମ୍ବର ୨୪ରେ ଧରିତ୍ରୀରେ 'କେଲୁଅ ନଦୀ ବନ୍ଧ ରାସ୍ତା ଶୋଚନୀୟ' ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା। ପରେ ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀନରେ ବେଦପୁର-ଜନକ ରାସ୍ତା ପାଇଁ ୨୨କୋଟି ୨୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ୮ ଡିସେମ୍ବର ୨୦୨୩ରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଦ୍ୱାରା ଏହି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ଶିଳାନ୍ୟାସ କରାଯାଇଥିଲା। କିନ୍ତୁ ବିଡ଼ମ୍ବନାର ବିଷୟ ୮ ମାସ ପରେ ବି ରାସ୍ତା କାମ ହୋଇ ପାରିନାହିଁ। ଶିଳାନ୍ୟାସ ପରେ ଜେସିବି ମାଧ୍ୟମରେ ବନ୍ଧ ସଫା କରାଯାଇଥିଲା। କିନ୍ତୁ ଏହା ମଧ୍ୟରେ ଜୁନ ମାସରେ ନିର୍ବାଚନ ହେଲା ଓ ସବୁ କିଛି ବଦଳି ଗଲା। ସେବେଠୁ କାମ ବନ୍ଦ ରହିଛି। ବନ୍ଧ ରାସ୍ତା ଅବସ୍ଥା ଦିନକୁ ଦିନ ଅଧିକ ଖରାପ ହେବାରେ ଲାଗିଛି। ତେଣୁ ଏହାର ତୁରନ୍ତ ମରାମତି ପାଇଁ ସ୍ଥାନୀୟ ବାସିନ୍ଦା ବିଧାୟକ ହିମାଂଶୁ ଶେଖର ସାହୁ ଓ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ବୀରେନ ବସୁଙ୍କ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲର ଉତ୍ତର ଦେଇ ନ ଥିଲେ।

# ଭଟଣାର ୨ ୱାର୍ଡକୁ ରାସ୍ତା ନାହିଁ

- ଜବରଦଖଲକାରୀଙ୍କ ଯୋଗୁ ସମସ୍ୟା ଭୋଗୁଛନ୍ତି ୱାର୍ଡବାସୀ
- ଜରୁରିକାଳୀନ ସେବା ପହଞ୍ଚିପାରୁନାହିଁ
- ପ୍ରଶାସନକୁ ଜଣାଇଲେ ବି ସୁଫଳ ମିଳୁ ନ ଥିବା ଅଭିଯୋଗ



ବର୍ଷାପରେ ରାସ୍ତା କାଦୁଅରେ ପରିପୂର୍ଣ୍ଣ।

ନାଉଗାଁ,୧୧।୮ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଓଷକଣା ପଞ୍ଚାୟତରେ ରହିଛି ଭଟଣା ରାଜସ୍ୱ ଗ୍ରାମ। ଏହି ଗ୍ରାମର ୧୪ ଓ ୧୫ ନଂ. ଓାର୍ଡ କୁ ଯାତାୟାତ କରିବାକୁ ରାସ୍ତା ଖଣ୍ଡେ ନାହିଁ। ଜବରଦଖଲକାରୀଙ୍କ ଯୋଗୁ ସେମାନେ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବର୍ଷା ହେଲେ ଉକ୍ତ ୨ ୱାର୍ଡରୁ ଜନସାଧାରଣ ଘରୁ ବାହାରି ପାରୁନାହାନ୍ତି। ଏପରିକି କୌଣସି ଜରୁରିକାଳୀନ ସେବା ମଧ୍ୟ ପହଞ୍ଚିପାରୁନାହିଁ। ଏହି ଗ୍ରାମଦେଇ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାରୁ ୱାର୍ଡ ମଧ୍ୟକୁ ଯିବାକୁ ପୂର୍ତ୍ତ ବିଭାଗର ଏକ ସଂଯୋଗୀକରଣ ରାସ୍ତା ରହିଛି। ଏହି ରାସ୍ତାକୁ କେତେଜଣ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି। ଫଳରେ ୱାର୍ଡବାସୀ ପୂର୍ତ୍ତ ବିଭାଗ ରାସ୍ତା ଦେଇ ଯାତାୟାତ କରିପାରୁନାହାନ୍ତି। ଏନେଇ ଜନୈକ ବ୍ୟକ୍ତି କିଛି ନିଜସ୍ୱ ଜାଗା ଦେବାରୁ ସେହି ବାଟ ଦେଇ ଦୁଇ ୱାର୍ଡବାସୀ ମୁଖ୍ୟ ରାସ୍ତାକୁ ଆସି ପାରୁଛନ୍ତି। ଯେହେତୁ ଯିବାଆସିବା କରୁଥିବା ରାସ୍ତାଟି ବ୍ୟକ୍ତିଗତ ଜାଗା, ସେହି ଦୃଷ୍ଟିରୁ ଏହି ରାସ୍ତାରେ ସରକାରଙ୍କ କୌଣସି ଅନୁଦାନ ଖର୍ଚ୍ଚ କରାଯାଇ କଂକ୍ରିଟ ରାସ୍ତା କରାଯାଇ ପାରିବ ନାହିଁ। ଫଳରେ ବର୍ଷା ହେଲେ ଉକ୍ତ ରାସ୍ତାଟି କାଦୁଅରେ ଭର୍ତ୍ତି ହୋଇଯାଉଛି। ଏଥିଯୋଗୁ ଏହି ରାସ୍ତାରେ ଆମ୍ବୁଲାନ୍ସ, ସ୍କୁଲ ଗାଡି ଆଦି ଯାଇ ପାରୁନାହିଁ। ଏହି ଅଞ୍ଚଳରେ କାହାର ଦେହ ଖରାପ ହେଲେ ବର୍ଷା ଦିନେ ତାଙ୍କୁ ଡାକ୍ତରଖାନାକୁ ନେବା କଷ୍ଟସାଧ୍ୟ ହୋଇପଡୁଛି। ଏ ବିଷୟରେ ୱାର୍ଡବାସୀ ୧୦ ଜାନୁଆରୀ ୨୦୨୪ରେ ତତ୍କାଳୀନ ୫-ଟି ସଚିବଙ୍କୁ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ ଏହାର କୌଣସି ସୁଫଳ ମିଳିନାହିଁ ବୋଲି ସେମାନେ କହିଛନ୍ତି। ପୂର୍ତ୍ତ ବିଭାଗ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରି ୱାର୍ଡକୁ ସଂଯୋଗୀକରଣ ରାସ୍ତା ନିର୍ମାଣ କରିବାକୁ ଏହି ୱାର୍ଡର ନକୁଳ ମହାନ୍ତି, ଅନାଥ ବରାଳ, ଜ୍ୟୋତିଷ ବରାଳ, ଅଶୋକ ବରାଳ, ବସନ୍ତ ମହାନ୍ତି ଓ ରାଧୁ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

# ୩ ଘାଟରେ କାଉଡ଼ିଆଙ୍କ ଭିଡ଼



ବାନାମ୍ବର ଘାଟରେ କାଉଡିଆଙ୍କ ଭିଡ଼।

ରଘୁନାଥପୁର,୧୧।୮
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତାରପୁର ମହାନଦୀସ୍ଥିତ ବାନାମ୍ବର, ରାମମନ୍ଦିର ଓ ମା' ନାରାୟଣୀ ଘାଟରୁ ୧୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ଜଳଭାର ନେଇ ବିଭିନ୍ନ ଶୈବପୀଠକୁ ଯାତ୍ରା କରିଥିବା ସ୍ଥାନୀୟ ଗ୍ରାମ୍ୟ କମିଟି ପକ୍ଷରୁ ପ୍ରକାଶ। ରବିବାର ଅପରାହ୍ନରୁ ୩ ଘାଟରେ କାଉଡ଼ିଆଙ୍କ ଗହଳିକ୍ରମଶଃ ବୃଦ୍ଧି ପାଇଥିଲା। ମାନସିକଧାରୀମାନେ ନଦୀରୁ ପୂର୍ଣ୍ଣକୁମ୍ଭ ଜଳ ଉଠାଇ ପୂଜାର୍ଚ୍ଚନା ପରେ ନିଜର ଗନ୍ତବ୍ୟ ପଥରେ ଯାତ୍ରା କରିଥିଲେ। ବିଶେଷକରି ସେମାନେ ଜଳଭାର ନେଇ ଗୋରେଖନାଥ, ଅଷ୍ଟଶମ୍ଭୁ, ରୁଦ୍ରେଶ୍ୱର, ନୀଳକଣ୍ଠେଶ୍ୱର, ସର୍ପେଶ୍ୱର ଓ ଇଶାଣେଶ୍ୱରକୁ ଯାଉଥିବାର ଦେଖାଯାଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ନଦୀଘାଟ ନିକଟରେ ରଘୁନାଥପୁର ପୋଲିସ ପକ୍ଷରୁ ଫୋର୍ସ ଓ ଦମକଳ ବାହିନୀ ମୁତୟନ ଥିଲେ। ସେହିପରି ତାରପୁର ବାଇପାସ୍ ଠାରୁ ଜଇପୁର ଛକ ପର୍ଯ୍ୟନ୍ତ ରାସ୍ତାରେ କାଉଡ଼ିଆଙ୍କ ଗହଳି ଲାଗି ରହିଥିବାରୁ ପୋଲିସ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟମାନେ ଉପସ୍ଥିତ ରହି କାଉଡ଼ିଆଙ୍କୁ ଖାଦ୍ୟପେୟ ସହ ସମସ୍ତ ସେବା ଯୋଗାଇ ଦେଇଥିଲେ। ସ୍ଥାନୀୟ ଗ୍ରାମବାସୀ ଘାଟ ନିକଟରେ ଉପସ୍ଥିତ ରହି ସହଯୋଗ କରିଥିଲେ। ସୋମବାର ପୂର୍ବାହ୍ନ ପର୍ଯ୍ୟନ୍ତ କାଉଡ଼ିଆଙ୍କ ଭିଡ ଲାଗିରହିବ ବୋଲି ସ୍ଥାନୀୟ ଅଧିବାସୀମାନେ କହିଛନ୍ତି।

# ୩ ଦିନ ଚାଲିବ 'ହର ଘର ତ୍ରିରଙ୍ଗା' ଅଭିଯାନ

**ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଦେଢ ଲକ୍ଷ ତ୍ରିରଙ୍ଗା ବଣ୍ଟନ ହେବ**

ଜଗତ୍‌ସିଂହପୁର, ୧୧।୮
(ପ୍ରମୋଦ କୁମାର ନାୟକ)

ଚଳିତବର୍ଷ ସ୍ୱାଧୀନତା ଦିବସ ପାଳନ ଅବସରରେ ଜଗତ୍‌ସିଂହପୁର ଜିଲାରେ ଅଗଷ୍ଟ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ହେବ। ୧୩ ତାରିଖ ସକାଳ ୮ଟାରେ କଲେଜ ଛକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରା ଆୟୋଜନ କରାଯିବ, ଯେଉଁଥିରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ନେହେରୁ ଯୁବକେନ୍ଦ୍ର ଓ କ୍ରୀଡା ସଂଘର ସଦସ୍ୟମାନେ ଭାଗନେବେ। ୧୪ରେ 'ତ୍ରିରଙ୍ଗା ମିନି ମାରାଥନ' ଆୟୋଜିତ ହେବ। ୧୫ ତାରିଖ ଦିନ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ହେବ। ଏହି ଅବସରରେ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଜିଲାର ଜନସାଧାରଣ 'ହର ଘର ତ୍ରିରଙ୍ଗା' କାନଭାସରେ 'ଜୟ ହିନ୍ଦ/ହର ଘର ତ୍ରିରଙ୍ଗା' ଲେଖିବେ। ଏଥିସହ ଅତିଥିମାନେ ଜିଲାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବେ। ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ମିଶନ ଶକ୍ତି ବ୍ଲକସ୍ତରୀୟ ଫେଡେରେଶନଙ୍କ ଦ୍ୱାରା ତ୍ରିରଙ୍ଗା ପତାକା, ବ୍ୟାଚ୍, ଟାଟୁ ଓ ଉତ୍କଳ ପ୍ରସଙ୍ଗ ଆଦି ବିକ୍ରି କରାଯିବ। ତେବେ ଚଳିତବର୍ଷ ଷ୍ଟାଡିୟମରେ ଜନସାଧାରଣଙ୍କ ନିମନ୍ତେ 'ହର ଘର ତ୍ରିରଙ୍ଗା' ତିଆରି ସେଲ୍ଫି ପଏଣ୍ଟ ରଖାଯିବ। ସେଠାରେ ତ୍ରିରଙ୍ଗା ପତାକା ସହ ସେଲ୍ଫି ନେବାର ସୁଯୋଗ ରହିବ। ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲାର ପଦ୍ମଶ୍ରୀ ଉପାଧିଧାରୀ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିବେ। ଅଗଷ୍ଟ ୧୫ ସନ୍ଧ୍ୟାରେ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ସନ୍ଧ୍ୟାକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଏଥିରେ ସ୍ଥାନୀୟ ସାଂସ୍କୃତିକ ଦଳଗୁଡ଼ିକ ଦ୍ୱାରା ତ୍ରିରଙ୍ଗା କନସର୍ଟ ଆୟୋଜନ କରାଯିବ। ବିଡିଓମାନେ ଏ ସମ୍ପର୍କରେ ଜନସାଧାରଣଙ୍କୁ ଡାକବାଜି, ଫ୍ଲେକ୍ସ, ବ୍ୟାନର ଓ ଷ୍ଟାଣ୍ଡିଂ ପ୍ରଦର୍ଶନ ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତରେ ସଚେତନ କରାଇବା ଲାଗି ବ୍ୟବସ୍ଥା କରିବେ। ଜିଲାର ଘରେ ଘରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ଦ୍ୱାରା ଜାତୀୟ ପତାକା ବିତରଣ କରାଯିବ। ଘରେ ଘରେ ତ୍ରିରଙ୍ଗା ଉତ୍ତୋଳନ ସହ ସେଲ୍ଫି ନେବା ଉପରେ ଗୁରୁତ୍ୱ ଦିଆଯିବ। ଜଗତ୍‌ସିଂହପୁର ଜିଲାରେ ଚଳିତ ବର୍ଷ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ଦ୍ୱାରା ପ୍ରସ୍ତୁତ ଦେଢଲକ୍ଷ ତ୍ରିରଙ୍ଗା ପତାକା ବ୍ଲକୱାରି ବଣ୍ଟନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଚଳନ୍ତା କାରରେ ଲାଗିଲା ନିଆଁ

**ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଯାତ୍ରୀ ସୁରକ୍ଷିତ**



ପଟ୍ଟାମୁଣ୍ଡାଇ,୧୧।୮ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ କଷଣଅଣ୍ଟା ନିକଟରେ ରବିବାର ଏକ ଚଳନ୍ତା କାରରେ ହଠାତ ନିଆଁ ଲାଗି ଜଳି ଯାଇଛି। କାରଟି କଟକରୁ ଆଳି ଯାଉଥିବା ବେଳେ ଏଭଳି ଘଟିଛି। କାରରେ ନିଆଁ ଲାଗିବା ପରେ ଚାଳକ ବାହାରକୁ ପଳାଇ ଆସିଥିଲେ। ପରେ କାରଟି ବେଶି ଜଳିବାକୁ ଲାଗିଥିଲା। ତେବେ ଅଗ୍ନିକାଣ୍ଡ କିପରି ଘଟିଛି ସେ ନେଇ କୌଣସି ସୂଚନା ହସ୍ତଗତ ହୋଇନାହିଁ। ମଧ୍ୟାହ୍ନ ୧୨ଟାରେ କଟକରୁ ଆଳି ଯାଉଥିବା କାର (ନଂ. ଓଆର ୦୨ ବିଡି ୩୯୯୨) ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଟା ଶ୍ମଶାନ ନିକଟରେ ହଠାତ ଇଞ୍ଜିନରୁ ଧୂଆଁ ବାହାରିଥିଲା। ମାତ୍ର କାର ଚାଳକ ଏ ବିଷୟରେ କୌଣସି ସୂଚନା ନ ପାଇ ଚଲାଇ ଚାଲିଥିଲେ। ତେବେ ବିପରୀତ ଦିଗ ଆଳିରୁ ପଟ୍ଟାମୁଣ୍ଡାଇ ଯାଉଥିବା ଏକ କାର ଚାଳକ ଏହା ଦେଖି ସମ୍ପୃକ୍ତ ଚାଳକଙ୍କୁ ଇସାରା ଦେଇଥିଲେ। ଏହାପରେ ସଙ୍ଗେ ସଙ୍ଗେ ଚାଳକ ଓ କାରରେ ଥିବା ଯାତ୍ରୀଙ୍କୁ ଓହ୍ଲାଇ ପକାଇ ଥିଲେ। ପରେ ଆଖି ପିଛୁଳାକେ କାରଟି ଜଳି ଯାଇଥିଲା। ତେବେ କାରରେ ହଠାତ ନିଆଁ ଲାଗିବାର ଠିକ୍ କାରଣ ଜଣାପଡ଼ିନାହିଁ।

# ୮ ଡିଲର ପଏଣ୍ଟରେ ରିହାତି ଆଳୁ ବିକ୍ରି

ତିର୍ତ୍ତୋଲ, ୧୧।୮
(ଗୌରାଙ୍ଗ ଚରଣ ସ୍ୱାଇଁ)

ଆଳୁ ଦର ବଜାରରେ ଅନିୟନ୍ତ୍ରିତ ହେବା ସହ ହାଟ ବଜାରରେ ଆଳୁର ଅଭାବ ଦେଖାଦେଇଛି। ବ୍ୟବସାୟୀମାନେ ଅଧିକ ଦରରେ ଆଳୁ ବିକ୍ରୟ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅସୁବିଧା ଦୂର କରିବା ଉଦ୍ଦେଶ୍ୟରେ ବ୍ଲକ ଯୋଗାଣ ବିଭାଗ ତରଫରୁ ରବିବାର ୮ଟି ଡିଲର ପଏଣ୍ଟରେ ସରକାରୀ ରିହାତି ଦରରେ ଖାଉଟିମାନଙ୍କୁ ଆଳୁ ବିକ୍ରୟ କରାଯାଇଛି। ପ୍ରତି ହିତାଧିକାରୀଙ୍କୁ କିଲୋ ପ୍ରତି ସରକାରୀ ଦର ୩୬ ଟଙ୍କାରେ ଦରରେ ୩ କିଲୋ ଲେଖାଏ ଆଳୁ ବିକ୍ରି କରାଯାଇଛି। ତିର୍ତ୍ତୋଲ, କୋଳର, ଦାଇଲୋ ଡିଲର ପଏଣ୍ଟ ସମେତ ସମୁଦାୟ ୮ଟି ପଏଣ୍ଟରେ ପ୍ରଥମ ଦିନ ଆଳୁ ବିକ୍ରି ଲାଗି ବ୍ୟବସ୍ଥା ହୋଇଛି। ପରବର୍ତ୍ତୀ ସମୟରେ ସମସ୍ତ ପଞ୍ଚାୟତରେ ଏହି ବ୍ୟବସ୍ଥାରେ ଆଳୁ ବିକ୍ରି କରାଯିବ ବୋଲି ବ୍ଲକ ଯୋଗାଣ ବିଭାଗ ତରଫରୁ ସୂଚନା ଦିଆଯାଇଛି। ତିର୍ତ୍ତୋଲ ଡିଲର ପଏଣ୍ଟରେ ବ୍ଲକ ଯୋଗାଣ ନୀରିକ୍ଷକ ବାବୁଲାଲ ବାରିକ, ଡିଲର ସମୀର କୁମାର ମହାପାତ୍ର, ହୃଷୀକେଶ ହୋତା ପ୍ରମୁଖ ଏହି ବିକ୍ରି ସମୟରେ ଉପସ୍ଥିତ ରହି ଖାଉଟିମାନଙ୍କୁ ସୁଚାରୁରୂପେ ଆଳୁ ପ୍ରଦାନ କରିଥିଲେ।



ଡିଲର ପଏଣ୍ଟରୁ ଆଳୁ କିଣିବାକୁ ଆସିଥିବା ହିତାଧିକାରୀମାନେ ।

# ଆଇଡେଣ୍ଟିଫାଏଡ୍ ପୋଟେନ୍ସିଆଲ ଲକ୍ଷପତି ଦିଦି କାର୍ଯ୍ୟକ୍ରମ



ଆଇଡେଣ୍ଟିଫାଏଡ୍ ପୋଟେନ୍ସିଆଲ ଲକ୍ଷପତି ଦିଦି କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନେ।

ଏରସମା,୧୧।୮ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ମିଶନ ଶକ୍ତି ସଭାଗୃହରେ ଶୁକ୍ରବାରଠାରୁ ଆରମ୍ଭ ହେଇଥିବା ଆଇଡେଣ୍ଟିଫାଏଡ୍ ପୋଟେନ୍ସିଆଲ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହେଇଯାଇଛି। ଏମ୍‌ବିକେ ଆଲୋକ ପ୍ରଭା ସାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଓଡ଼ିଶା ଜୀବିକା ମିଶନର କର୍ମକର୍ତ୍ତା ଜ୍ଞାନରଞ୍ଜନ ବାରିକ, ମଣ୍ଡଳ ଜୀବିକା ସଂଯୋଜିକା ଅନିତା ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ସମିତି ସଭ୍ୟା ଦେବଯାନୀ ସେଠୀ, ଏରସମା ବିକାଶ ମହାସଂଘ ସଭାନେତ୍ରୀ ମମତାମୟୀ ଜେନା, ସମ୍ପାଦିକା ରଙ୍ଗଲତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ହୋଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ସିଆର୍‌ପି, ସ୍ୱୟଂ ସହାୟିକା ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବୃକ୍ଷ ଆମର ଦେବତା

**ବନ ବିଭାଗ ପକ୍ଷରୁ ଗୋଠିଣାରେ ଚାରା ରୋପଣ**

ରଘୁନାଥପୁର, ୧୧।୮
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ବରାଗୋଳ ପଞ୍ଚାୟତ ଗୋଠିଣାସ୍ଥିତ ଶିବ ମନ୍ଦିର ଓ ମା'ନାରାୟଣୀ ମନ୍ଦିର ପରିସରରେ ବନ ବିଭାଗ ପକ୍ଷରୁ ଚାରା ରୋପଣ କରାଯାଇଛି। ଫରେଷ୍ଟ ରେଞ୍ଜର ରାଜେନ୍ଦ୍ର ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ଦାସ, କିଟର ପ୍ରଶାସନିକ ଅଧିକାରୀ ଅଶୋକ କୁମାର ନାୟକ, ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଶରତଚନ୍ଦ୍ର ବାରିକ ଓ ସାମାଜିକ କର୍ମୀ ଅମୂଲ୍ୟ ଚନ୍ଦ୍ରକାନ୍ତ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। ଗାଁରେ ସବୁଜ ବନାନୀ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବନବିଭାଗ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଥିବା ସମ୍ପର୍କରେ ରେଞ୍ଜର ସାମନ୍ତରାୟ ପ୍ରକାଶ କରିଛନ୍ତି। ଏହାଛଡ଼ା ୩ କିମି ବ୍ୟାପୀ ଗୋଠିଣାଠାରୁ ସୁଦ୍ଧାଭୂମି ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ସହଯୋଗରେ ବନୀକରଣ କରାଯିବ ବୋଲି ସେ କହିଥିଲେ। ନିଜେ ବିଷ ଆହରଣ କରି ଜୀବଜଗତକୁ ଅମୃତ ପ୍ରଦାନ କରୁଥିବା ବୃକ୍ଷ ଆମର ଦେବତା। ପ୍ରତି ପରିବାର ସଦସ୍ୟ ଅତି କମ୍‌ରେ ଗୋଟିଏ ଲେଖାଏ ଗଛ ଲଗାଇବା ପାଇଁ ସରପଞ୍ଚ ଦାସ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଚିତ୍ରାନନ୍ଦ ସ୍ୱାଇଁ, ନିରଞ୍ଜନ ଦାସ, ପ୍ରଦୀପ୍ତ ମହାନ୍ତି, ପ୍ରକାଶ ବାରିକ, ଫରେଷ୍ଟର ଦଇତହରି ନାୟକ, ପିତବାସ ମହାପାତ୍ର, ଦିଲୀପ କୁମାର ମହାନ୍ତି ଓ ପ୍ରଦୀପ୍ତ ପାଳ ପ୍ରମୁଖ ସହଯୋଗ କରିଥିଲେ।



ଅତିଥି ଓ ଅନ୍ୟମାନେ ଚାରାରୋପଣ କରୁଛନ୍ତି।

# ଟ୍ରକ୍ ପଛରେ ପିଟି ହେଲା କାର୍, ୨ ଗୁରୁତର

ଧର୍ମଶାଳା,୧୧।୮ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ନେଉଳପୁର ନିକଟରେ ଏକ ଟ୍ରକ୍ ପଛରେ କାର୍ ପିଟି ହୋଇଛି। ଫଳରେ କାର୍ ଚାଳକଙ୍କ ସମେତ ୨ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଗୁରୁତର ଦ୍ୱୟଙ୍କୁ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ କଟକ ମେଡିକାଲକୁ ପଠାଇ ଦିଆଯାଇଛି। ସମାନଙ୍କ ପରିଚୟ ମିଳିପାରି ନାହିଁ। କଟକ ଅଭିମୁଖେ ଯାଉଥିବା ଓଡି-୦୫-ବିଏସ-୪୯୭୦ ନଂ. କାର ନେଉଳପୁରଠାରେ ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକ ପଛକୁ ଧକ୍କା ଦେଇଥିଲା। ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ କାରକୁ ଜବତ କରି ତଦନ୍ତ ଚଳାଇଛି।

# ସାଧନା ଜାରି ରଖିଲେ ପାଠ ଆପେ ଆୟତ୍ତକୁ ଆସିବ : ମନ୍ତ୍ରୀ ସମ୍ପଦ

କୁଜଙ୍ଗ, ୧୧।୮ (ମନୋଜ ପ୍ରଧାନ)

ପାଠ ପଢ଼ିବା ଏକ ସାଧନା। ଏକାଗ୍ରତାର ସହ କାର୍ଯ୍ୟ କଲେ ସଫଳତା ନିଶ୍ଚିତ ମିଳିବ। ଛାତ୍ରୀଛାତ୍ରମାନେ ପାଠପଢ଼ାକୁ ସାଧନା ଭଳି ଜାରି ରଖିଲେ ଏହା ଆପେ ଆୟତ୍ତକୁ ଆସିବ ବୋଲି ଶିଳ୍ପ , ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଛନ୍ତି। ରବିବାର ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଯାଉଥିବା କୁଜଙ୍ଗ ସମାଗୋଳସ୍ଥିତ ବିଜୟା ଚାନ୍ଦ ସଂସ୍କୃତ ମହାବିଦ୍ୟାଳୟର ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସ୍ୱାଇଁ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ, ବିଧାୟକ ଓ ମନ୍ତ୍ରୀ ହେବା ପରେ ପ୍ରଥମ କରି ଭଗବାନ ମୋତେ ଶିକ୍ଷାଳୟ ଭଳି ପବିତ୍ର ଗୃହର ଶିଳାନ୍ୟାସ କରିବା ପାଇଁ ସୁଯୋଗ ଦେଇଛନ୍ତି। ଏହା ମୋ ଜୀବନରେ ଏକ ଅଭୁଲା ସ୍ମୃତି ହୋଇ ରହିଗଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରତାପ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିଳାନ୍ୟାସ ଉତ୍ସବରେ ସମ୍ମାନିତ ଅତିଥିଭାବେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଭାଜପା ଯୁବନେତା ତପନ ତ୍ରିପାଠୀ ଓ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ତଥା ପ୍ରାକ୍ତନ ଅଧ୍ୟକ୍ଷ ଡ.ଗଙ୍ଗାଧର ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ତରଫରୁ ମନ୍ତ୍ରୀ ସ୍ୱାଇଁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଦର୍ଶାଯାଇଛି ଯେ, ମହାବିଦ୍ୟାଳୟରେ ଦୀର୍ଘବର୍ଷ ହେବ ସଂସ୍କୃତ ବ୍ୟାକରଣ ଓ ଦର୍ଶନ ବିଭାଗର ଅଧ୍ୟାପକ ପଦବୀ ଖାଲିପଡ଼ିଛି। ଦୁଇବର୍ଷ ପୂର୍ବରୁ ମୁଖ୍ୟ କିରାଣି ଅବସର ନେଇଥିଲେ। ସେବେଠାରୁ ଏହି ପଦବୀ ପୂରଣ ହୋଇନାହିଁ। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏସବୁ ପଦବୀ ପୂରଣ କରିବା ପାଇଁ ମନ୍ତ୍ରୀ ସମ୍ପଦଙ୍କୁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ହେମନ୍ତ କୁମାର ମୁଦୁଲିଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଓ ଅନ୍ୟମାନେ।

## ସଂକ୍ଷେପରେ

### ଗୋରୁ ଚୋରି ଅଭିଯୋଗରେ ୩ ଗିରଫ

ସୋର, ୧୧।୮(ଜନ୍ମେଜୟ ମିଶ୍ର): ବାଲେଶ୍ୱର ଜିଲା ସୋର ଥାନା ସାଉଡ ଗ୍ରାମରୁ ଶନିବାର ରାତିରେ ଗୋରୁ ଚୋରି କରୁଥିବା ଅଭିଯୋଗରେ ପୋଲିସ ୩ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ୩ଜଣ ଯୁବକ ମାଲବୁହା ଅଟୋରେ (ନଂ. ଓଡି ୦୪ କେ ୬୫୯୯) ସାଉଡ ଗ୍ରାମରେ ଚୋରି କରିବା ଉଦ୍ଦେଶ୍ୟରେ ବୁଲୁଥିବା ବେଳେ ଗ୍ରାମବାସୀ ତାଙ୍କୁ ଘେରିଥିଲେ। ପୂର୍ବରୁ ଗ୍ରାମରୁ ୨୦ରୁ ଊର୍ଦ୍ଧ୍ୱ ଗୋରୁ ଏବଂ ଷଣ୍ଢ ଚୋରି ହୋଇଥିବା ଏବଂ ଏକ ଦୋକାନରୁ ଚୋରି ହୋଇଥିବା ବେଳେ ସିସିଟିଭିରେ ଏହି ଅଟୋରେ ଦୁର୍ବୃତ୍ତମାନେ ଆସିଥିବା ରେକର୍ଡ ହୋଇଥିଲା। ଫଳରେ ସ୍ଥାନୀୟ ଲୋକେ ଅଟୋ ସହ ୩ ଜଣଙ୍କୁ ଅଟକ ରଖି ସୋର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଟୋ ସହ ୩ଜଣ ଯୁବକଙ୍କୁ ଥାନାକୁ ନେଇ ପଚରାଉଚୁରା କରିଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ. ୭୨୯/୨୪) ରୁଜୁ କରି ରବିବାର ବେଲପୁର ଗ୍ରାମର ଶେଖ ସାରୁଖ, ୟସିନ ମଲିକ ଓ ଶେଖ ନାସିରୁଦ୍ଦିନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ମଦ ବେପାରୀ ଗିରଫ

ରାଇରଙ୍ଗପୁର, ୧୧।୮(ଜିତେନ୍ଦ୍ର କୁମାର ଅଗ୍ରୱାଲ)- ରାଇରଙ୍ଗପୁର ଟାଉନ ଥାନା ପୋଲିସ ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରିବା ସହ ୫୨ ଲିଟର ଦେଶୀ ମଦ ଜବତ କରିଛି। ଅଭିଯୁକ୍ତ ଜଣକ ହେଲେ ଚନ୍ଦନ ମାହାଲି। ଏନେଇ ଥାନାରେ ଏକ ମାମଲା(ନଂ.୨୫୦/୨୪) ରୁଜୁ ହୋଇଛି। ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ମଦ କାରବାର ସମ୍ପର୍କରେ ଖବରପାଇ ସାନଚମ୍ପାଉଦାସ୍ଥିତ ଭାଟିରେ ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହା ସହ ଏକ ସ୍କୁଟି ମଧ୍ୟ ପୋଲିସ ଜବତ କରିଛି। ଅଞ୍ଚଳରେ ବ୍ୟାପକ ଭାବେ ନକଲି ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଅବକାରୀ ବିଭାଗ ଓ ପୋଲିସ ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

### ଆଳୁ ଗୋଦାମରେ ଚଢ଼ାଉ

ଝାରପଖୋରିଆ, ୧୧।୮(ହରେକୃଷ୍ଣ ଦାସ)- ଆଳୁ ଦର ବୃଦ୍ଧିକୁ ନେଇ ଖାଉଟି ହନ୍ତସନ୍ତ ହେଉଥିବା ବେଳେ ଅସାଧୁ ବ୍ୟବସାୟୀଙ୍କ ଉପରେ ଯୋଗାଣ ବିଭାଗ କଡ଼ା ନଜର ରଖିଛି। ରବିବାର ଖାଉଟି ବିଭାଗର ଅଧିକାରୀ ବଳରାମ ଜେନା ସାରସକଣାର ଦୁଇଟି ଆଳୁ ଗୋଦାମ ଉପରେ ଚଢ଼ାଉ କରି ୩୦ରୁ ୩୫ ଟଙ୍କା ଦରରେ ଆଳୁ ବିକିବାକୁ କହିଛନ୍ତି। ସେହିପରି ଉଚ୍ଚାଦରରେ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତାଗିଦା କରିଛନ୍ତି।

# ପୂର୍ବତନ ଥାନା ଅଧିକାରୀ, ଏସ୍‌ଆଇଙ୍କୁ ୫ ଲକ୍ଷ ଜରିମାନା

- ମିଥ୍ୟା ମାମଲାରେ ଜେଲ୍ ପଠାଇବା ମହଙ୍ଗା ପଡ଼ିଲା
- ରାୟ ଶୁଣାଇଲେ ମାନବାଧିକାର କମିଶନ କୋର୍ଟ




ଚଣ୍ଡିଖୋଲ, ୧୧।୮(ପ୍ରଦୀପ୍ତ କୁମାର ପୃଷ୍ଟି): ଏକ ମିଥ୍ୟା ମାମଲାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଜେଲ୍ ପଠାଇବା ଯାଜପୁର ଜିଲା ବଡ଼ଚଣା ପୂର୍ବତନ ଥାନା ଅଧିକାରୀ ଦୀପକ କୁମାର ଜେନା ଓ ପୂର୍ବତନ ଏସ୍‌ଆଇ ସାହିଦ ଖାଁଙ୍କୁ ମହଙ୍ଗା ପଡ଼ିଛି। ରାଜ୍ୟ ମାନବାଧିକାର କମିଶନଙ୍କ କୋର୍ଟ ଏହି ଅଭିଯୋଗର ବିଚାର କରି ଉଭୟଙ୍କୁ ୫ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଏହା ଜଣାପଡ଼ିବା ପରେ ଯାଜପୁର ଜିଲାରେ ପୋଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି।

ଅଭିଯୋଗ ଅନୁଯାୟୀ, ଭୁବନେଶ୍ୱରର ଏସ୍ ରାଜନ ରାଜୁ ଜଣେ ବ୍ୟବସାୟୀ। ସେ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରୁହନ୍ତି। ୨୦୨୦ ଜାନୁଆରୀ ୨୨ରେ ଚଣ୍ଡିଖୋଲସ୍ଥିତ ଶାନ୍ତିଲତା ପେଟ୍ରୋଲ ପମ୍ପରେ ଏସ୍ ରାଜନ ଜଣେ ବ୍ୟକ୍ତିଙ୍କୁ ଲୁହା ଛଡ଼ରେ ବାଡ଼େଇ ଆହତ କରିଥିବାନେଇ ତତ୍କାଳୀନ ଥାନା ଅଧିକାରୀ ଜେନା ମାମଲା ରୁଜୁ କରିଥିଲେ। ତଦନ୍ତ ଅଧିକାରୀ ଭାବରେ ଏସ୍‌ଆଇ ସାହିଦ ଖାଁଙ୍କୁ ଦାୟିତ୍ୱ ଦେଇଥିଲେ। ତେବେ ସେହି ସମୟରେ ଅଭିଯୁକ୍ତ କୁହାଯାଉଥିବା ଏସ୍ ରାଜନ ଦୁବାଇରେ ଥିଲେ। ସେ ଫେବୃଆରୀ ୯ରେ ଓଡ଼ିଶା ଫେରିଥିଲେ। ଫେବୃଆରୀ ୧୦ରେ ବଡ଼ଚଣା ପୋଲିସ ତାଙ୍କୁ ଭୁବନେଶ୍ୱରରୁ ଉଠାଇ ଆଣିଥିଲା। ଦୁଇଦିନ ପୋଲିସ ହେପାଜତରେ ରଖିବା ପରେ ୧୨ ଫେବୃଆରୀରେ ତାଙ୍କୁ ଗିରଫ ଦର୍ଶାଇ କୋର୍ଟଚାଲାଣ କରିଥିଲା। ଏ ସମ୍ପର୍କରେ ଏସ୍ ରାଜନ ଥାନାଧିକାରୀଙ୍କୁ ତାଙ୍କର ବିଦେଶ ଯିବାର ବମାନ ଟିକେଟ, ପାସପୋର୍ଟ ଓ ଭିସା ଆଦି ଦେଖାଇଥିଲେ ଏବଂ ବାରମ୍ବାର ବୁଝାଇଥିଲେ ଯେ, ସେ ଜାନୁଆରୀ ୨୨ରେ ଦୁବାଇରେ ଥିଲେ। ହେଲେ ଏକଥା ଥାନା ଅଧିକାରୀ ଶୁଣି ନ ଥିଲେ। ଫଳରେ ଏସ୍ ରାଜନ ବିଚାରାଧୀନ ବନ୍ଦୀଭାବେ ୫ ମାସ ୭ ଦିନ ଜେଲରେ କଟାଇଥିଲେ। ସେ ଜେଲରେ ଥିବା ସମୟରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୬୪ ଲକ୍ଷ ଟଙ୍କା ହଡ଼ପ ହୋଇଥିଲା। ଜେଲରୁ ବାହାରିବା ପରେ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଏନେଇ ଅଭିଯୋଗ କରିଥିଲେ। ସେ ଦର୍ଶାଇଥିଲେ ଯେ, ତାଙ୍କ ବ୍ୟବସାୟିକ ପାର୍ଟନରଙ୍କ କଥାରେ ପୂର୍ବତନ ବଡ଼ଚଣା ଥାନା ଅଧିକାରୀ ମିଥ୍ୟା କେସ କରି ତାଙ୍କୁ ଜେଲ ପଠାଇଥିଲେ। ଏଥିସହିତ ମାନସିକ ନିର୍ଯାତନା ଦେଉଥିଲେ। ଜେଲ ହାଜତରେ ଥିବାବେଳେ ତାଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପ କରି ବ୍ୟବସାୟକୁ ବୁଡାଇ ଦେଇଥିଲେ। ଫଳରେ ସମାଜରେ ତାଙ୍କ ମାନସମ୍ମାନ ସବୁ ଯାଇଛି। ସବୁ ପ୍ରମାଣ ପାଇବା ପରେ ମାନବାଧିକାର କମିଶନ ପୂର୍ବତନ ଥାନା ଅଧିକାରୀ ଜେନା ଓ ଏସ୍‌ଆଇ ସାହିଦ ଖାଁଙ୍କଠାରୁ ଉକ୍ତ ଜରିମାନା ଟଙ୍କା ଆଦାୟ କରି ଏସ୍ ରାଜନଙ୍କୁ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ୨୦୨୦ରେ କୋଭିଡ କଟକଣା ଥିବା ସମୟରେ ପୂର୍ବତନ ଥାନା ଅଧିକାରୀ ପୁରୀ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ବଡ଼ଚଣା ଥାନାରେ ଜବତ ହୋଇଥିବା ଏକ ଗାଡି ଧରି ସେ ପୁରୀ ଯାଇଥିଲେ। ତାଙ୍କ ନାମରେ ସିଂହଦ୍ୱାର ଥାନାରେ ମାମଲା ରୁଜୁ ହୋଇଥିଲା। ସେତେବେଳେ ତାଙ୍କୁ ନିଲମ୍ବନ କରାଯାଇଥିଲା। ଏ ସମ୍ପର୍କରେ ପ୍ରତିକ୍ରିୟ ପାଇଁ ପୂର୍ବତନ ଥାନା ଅଧିକାରୀ ଜେନାଙ୍କୁ ତାଙ୍କ ମୋବାଇଲ ଫୋନ୍ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ସ୍ୱାଧୀନତା ଦିବସ ପାଇଁ ପ୍ରତିଯୋଗିତା



ସ୍ୱାଧୀନତା ଦିବସ ପାଳନ ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।

ପାଣିକୋଇଲି, ୧୧।୮(ବିକାଶ ମଲ୍ଲିକ): ଚଳିତ ବର୍ଷ ସ୍ୱାଧୀନତା ଦିବସକୁ ନିଆର ଢଙ୍ଗରେ ପାଳନ କରିବାକୁ କରଦା ପଞ୍ଚାୟତର ବରୁଣେଇପଦା ଗଣେଶ ପୂଜା କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଏଥିନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ରବିବାର କରଦା ନୋଡାଲ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀର ମୋଟ୍ ୪୩ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିକ୍ଷକ ସୁଶାନ୍ତ କୁମାର ମାଝି, ନରହରି ପରିଡା, ହୃଷୀକେଶ ସାହୁ ପ୍ରମୁଖ ପ୍ରତିଯୋଗିତାକୁ ସଞ୍ଚାଳନା କରିଥିଲେ। ସେହିପରି କରଦା ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀର ୫୦ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ସେକ୍ ଗୋଲାମ ଜିଲାନୀ, ପ୍ରଭାସ ଚନ୍ଦ୍ର ବିଶ୍ୱାଳ, ସଦାନନ୍ଦ ପଣ୍ଡା ପ୍ରମୁଖ ପ୍ରତିଯୋଗିତାକୁ ସଞ୍ଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ସ୍ୱାଧୀନତା ଦିବସରେ ପୁରସ୍କୃତ କରାଯିବ। ଗଣେଶ ପୂଜା କମିଟି ପକ୍ଷରୁ ସତ୍ୟଜିତ ବେହେରା, ତପନ ସେନାପତି, ଅନୁପ ବେହେରା, ପିୟବ୍ରତ ବେହେରା ଓ ରଜତ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ବିଜ୍ଞାନମେଳାରେ ଯୋଗଦେଇଥିବା ଅତିଥିମାନେ।

ବିଞ୍ଝାରପୁର, ୧୧।୮(ରାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ ଅଧୀନ ମଇଁନ୍ଦା ଲେଙ୍କାସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ସଂସ୍କୃତ ଜ୍ଞାନ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରୟୋଗ, ଗଣିତ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରଶ୍ନମଞ୍ଚ, ନୃତ୍ୟ ଓ ସଂଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୩ଟି ବିଭାଗରେ ୧୮୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରଶାନ୍ତ କୁମାର ସାହୁ, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଘଣ୍ଟିଆଳି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ ଯୋଗଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ରବୀନ୍ଦ୍ର କୁମାର ପରିଡ଼ା ସଭା ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସମ୍ପାଦକ ମନୋରଞ୍ଜନ ଧଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗ ନିରୀକ୍ଷକ ଜିତୁରାମ ମହାନ୍ତ, ସଂକୁଳ ସଂଯୋଜକ ବୀରକିଶୋର ବେହେରା, ଅନୁଷ୍ଠାନର ଉପସଭାପତି ବିଶଭୂଷଣ ବିନ୍ଧାଣୀ ଓ ଅନୁଷ୍ଠାନର ପୂର୍ବତନ ଉପସଭାପତି ଉପସ୍ଥିତଥିଲେ। ପ୍ରଧାନଆଚାର୍ଯ୍ୟ ନୀଳାଦ୍ରୀ ବିହାରୀ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଚାରକ ଭାବେ ବିଭିନ୍ନ ବିଦ୍ୟାଳୟରୁ ୧୫ ଜଣ ଶିକ୍ଷକ ଯୋଗଦାନ କରିଥିଲେ। ଅନୁଷ୍ଠାନର ବରିଷ୍ଠ ଆଚାର୍ଯ୍ୟ ସାନ୍ତାକାର ବେହୁରିଆ ଧନ୍ୟବାଦ ଦେଇଥିଲେ। ସେହିପରି ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବରୁଣେଶ୍ୱର ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର, ମୁଖ୍ୟବକ୍ତା ଭାବେ ପୀତାମ୍ବର ସ୍ୱାଇଁ ଏବଂ ସଂକୁଳ ପ୍ରମୁଖ ଗଗନ ବିହାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୁରସ୍କାର ବିତରଣ ଉତ୍ସବ ସଭାକାର୍ଯ୍ୟକୁ ଅନୁଷ୍ଠାନର ମୁଖ୍ୟ ରବୀନ୍ଦ୍ର କୁମାର ପରିଡ଼ା ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ମନୋରଞ୍ଜନ ଧଳ ଧନ୍ୟବାଦ ଦେଇଥିଲେ।

### ଜାତୀୟ ସନ୍ତାନସନ୍ତତି ଦିବସ

ବଡ଼ଚଣା, ୧୧।୮, (ଦିଲୀପ କୁମାର ମହାନ୍ତି): ବଡ଼ଚଣା ବ୍ଲକ୍ ଅଧୀନ ଛତିଆସ୍ଥିତ ପି.ପି. ଇଣ୍ଟରନ୍ୟାଶନାଲ ସ୍କୁଲ୍ ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ, ସାମ୍ବାଦିକ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ନେଇ ଜାତୀୟ ସନ୍ତାନ ସନ୍ତତି ଦିବସ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଅବିନାଶ ମିଶ୍ର ଯୋଗଦେଇ ବସୁଧୈୟବ କୁଟୁମ୍ବକମର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସର୍ବେଶ କୁମାର ଷେଣ୍ଢ, ବିଭାଗ ପ୍ରମୁଖ ଅରବିନ୍ଦ ଷେଣ୍ଢ, ସରୋଜ କୁମାର ସିଂ, ଜିତେନ୍ଦ୍ର ସାହୁ, ବିଶ୍ୱ ହିନ୍ଦୁ ପରିଷଦ ସହ ସମ୍ପାଦକ ସୁଶାନ୍ତ ସ୍ୱାଇଁ, ସାମ୍ବାଦିକ ବ୍ରଜଗୋପାଳ ଦାସ, ଉମାକାନ୍ତ ବେହେରା ଓ କାର୍ତ୍ତିକ ରାଉତ ଉପସ୍ଥିତ ରହି ଦିବସ ସମ୍ପର୍କରେ ଆଲୋଚନା କରିଥିଲେ।

### ଅଜଗର କାମୁଡ଼ାରେ ଜଣେ ଗୁରୁତର

ତେଲକୋଇ, ୧୧।୮(ରଞ୍ଜିତ ବିଶ୍ୱାଳ) କେନ୍ଦୁଝର ଜିଲା ତେଲକୋଇ ବନାଞ୍ଚଳ ଅଇଗୁଳା ଗ୍ରାମରେ ଅଜଗର କାମୁଡ଼ାରେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ଗ୍ରାମର ମଙ୍ଗଳା ଜୁଆଙ୍ଗ (୫୫)। ମଙ୍ଗଳା ଗ୍ରାମ ନିକଟ ଜଙ୍ଗଲକୁ ଛେଳି ଚରାଇବାକୁ ନେଇଥିଲେ। ସେଠାରେ ଏକ ଛେଳିକୁ ଅଜଗର ଆକ୍ରମଣ କରିଥିଲା। ଛେଳିକୁ ଉଦ୍ଧାର କରିବାକୁ ଯାଇ ମଙ୍ଗଳା ମଧ୍ୟ ସାପ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କର ଡାହାଣ ହାତରେ କ୍ଷତ ହୋଇଛି। ସାଥିରେ ଥିବା ଅନ୍ୟ ଛେଳି ଚରାଳି ତାଙ୍କୁ ଉଦ୍ଧାର କରି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ଯୋଗାଣ ବିଭାଗ ପକ୍ଷରୁ ଆଳୁ ବିକ୍ରି ଆରମ୍ଭ



**ଖାଉଟିଙ୍କୁ ମିଳିଲା ୧୦୦ ଟଙ୍କାରେ ୩ କେଜି**

ରସୁଲପୁର, ୧୧।୮(ରଂଜିତ ରାଉତ): ରସୁଲପୁର ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ଅତ୍ୟାବଶକୀୟ ସାମଗ୍ରୀ ଆଳୁ ଦର ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନିଆଯାଇଛି। ରବିବାରଠାରୁ ବ୍ଲକ ଅଞ୍ଚଳର ୭ ରିଟେଲର ପଏଣ୍ଟରେ ସରକାରୀ ପ୍ରୋତ୍ସାହନ ଓ ତଦାରଖରେ ଖାଉଟିଙ୍କୁ ୧୦୦ଟଙ୍କାରେ ୩ କେଜି ଆଳୁ ଯୋଗାଇ ଦିଆଯାଇଛି। ଆଳୁର ସୁଷମ ବଣ୍ଟନ ଉପରେ ଗୁରୁତ୍ୱ ଦେଇ ଯୋଗାଣ ଅଧିକାରୀ ଟୁନାରାଣୀ ସାହୁ ବିଭିନ୍ନ ରିଟେଲର ପଏଣ୍ଟ ପରିଦର୍ଶନ କରିଛନ୍ତି। ସେ ରିଟେଲରଙ୍କ ଆଳୁ ବିକ୍ରି ପ୍ରକ୍ରିୟାକୁ ତଦାରଖ କରିବା ସହ ଖାଉଟିମାନଙ୍କ ସହ ଆଲୋଚନା କରିଛନ୍ତି। ଗାଁ ଗହଳି ବଜାରରେ ଆଳୁ ଦର ୪୦ଟଙ୍କା ଉପରେ ରହୁଛି। ରିଟେଲର ପଏଣ୍ଟରେ ଆଳୁ କମ୍ ଦରରେ ମିଳୁଥିବା ଜାଣି ଗ୍ରାହକମାନଙ୍କ ଭିଡ଼ ଜମିଥିଲା। ଖାଉଟିମାନଙ୍କ ଚାହିଦା ମୁତାବକ ଆଳୁ ଯୋଗାଇ ଦିଆଯିବ ବୋଲି ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି। ଆଳୁର ବଜାର ଦର ନିୟନ୍ତ୍ରଣକୁ ନ ଆସିବା ପର୍ଯ୍ୟନ୍ତ ରିଟେରଲ ପଏଣ୍ଟରେ ଆଳୁ ବିକ୍ରି ଜାରି ରହିବ ବୋଲି ଜଣାଯାଇଛି। ଭୋଟକା ପଞ୍ଚାୟତରେ ରିଟେଲର କାମିନୀପ୍ରଭା ଦାସ, ବାହାଦଲାପୁର ପଞ୍ଚାୟତରେ ଚନ୍ଦନ କୁମାର ସାହୁ ପ୍ରମୁଖ ଆଳୁ ବିକ୍ରି କରିଛନ୍ତି। ଯୋଗାଣ ଅଧିକାରୀ ସାହୁ ବିଭିନ୍ନ ଗୋଦାମକୁ ଯାଇ ଆଳୁର ହୋଲସେଲର ଦର କେଜି ପିଛା ୩୧ଟଙ୍କା, ପିଆଜ ୩୮ଟଙ୍କା, ରସୁଣ ୨୦୦ଟଙ୍କା ଓ ଅଦା ୧୨୨ଟଙ୍କାରେ ବିକ୍ରି ହେଉଥିବା କହିଛନ୍ତି। ଖୁବ୍‌ଶୀଘ୍ର ଆଳୁ ଦର ନିୟନ୍ତ୍ରଣକୁ ଆସିଯିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

# ଚଳନ୍ତା କାରରେ ଲାଗିଲା ନିଆଁ



**ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଯାତ୍ରୀ ସୁରକ୍ଷିତ**

ପଟ୍ଟାମୁଣ୍ଡାଇ, ୧୧।୮ (କଳ୍ପତରୁ ନାୟକ) କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ କଷଣଅଣ୍ଡା ନିକଟରେ ରବିବାର ଏକ ଚଳନ୍ତା କାରରେ ହଠାତ ନିଆଁ ଲାଗି ଜଳି ଯାଇଛି। କାରଟି କଟକରୁ ଆଳି ଯାଉଥିବା ବେଳେ ଏଭଳି ଘଟିଛି। କାରରେ ନିଆଁ ଲାଗିବା ପରେ ଚାଳକ ବାହାରକୁ ପଳାଇ ଆସିଥିଲେ। ପରେ କାରଟି ବେଶି ଜଳିବାକୁ ଲାଗିଥିଲା। ତେବେ ଅଗ୍ନିକାଣ୍ଡ କିପରି ଘଟିଛି ସେ ନେଇ କୌଣସି ସୂଚନା ହସ୍ତଗତ ହୋଇନାହିଁ। ମଧ୍ୟାହ୍ନ ୧୨ଟାରେ କଟକରୁ ଆଳି ଯାଉଥିବା କାର (ନଂ. ଓଆର ୦୨ ବିଡି ୩୯୯୨) ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଡା ଶ୍ମଶାନ ନିକଟରେ ହଠାତ ଇଞ୍ଜିନରୁ ଧୂଆଁ ବାହାରିଥିଲା। ମାତ୍ର କାର ଚାଳକ ଏ ବିଷୟରେ କୌଣସି ସୂଚନା ନ ପାଇ ଚଲାଇ ଚାଲିଥିଲେ। ତେବେ ବିପରୀତ ଦିଗ ଆଳିରୁ ପଟ୍ଟାମୁଣ୍ଡାଇ ଯାଉଥିବା ଏକ କାର ଚାଳକ ଏହା ଦେଖି ସମ୍ପୃକ୍ତ ଚାଳକଙ୍କୁ ଇସାରା ଦେଇଥିଲେ। ଏହାପରେ ସଙ୍ଗେ ସଙ୍ଗେ ଚାଳକ ଓ କାରରେ ଥିବା ଯାତ୍ରୀଙ୍କୁ ଓହ୍ଲାଇ ପକାଇ ଥିଲେ। ପରେ ଆଖି ପିଛୁଳାକେ କାରଟି ଜଳି ଯାଇଥିଲା। ତେବେ କାରରେ ହଠାତ ନିଆଁ ଲାଗିବାର ଠିକ୍ କାରଣ ଜଣାପଡ଼ିନାହିଁ।

# ରେଳୱେ ବୋର୍ଡର ଉଦାସୀନତା ବିରୋଧରେ ଆନ୍ଦୋଳନ ଚେତାବନୀ

**ଯାଜପୁର ରୋଡ-ଧାମରା ପ୍ରସ୍ତାବିତ ରେଳ ପ୍ରକଳ୍ପ**



ଯାଜପୁର, ୧୧।୮(ହର୍ଷବର୍ଦ୍ଧନ ବେହେରା) କେନ୍ଦ୍ର ସରକାର ଓଡ଼ିଶା ପାଇଁ ଏକାଥରକେ ୧୫ ହଜାର କୋଟି ଟଙ୍କାର ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। କିନ୍ତୁ ଯାଜପୁର ରୋଡ୍-ଧାମରା ରେଳପଥ ନିର୍ମାଣ ପାଇଁ ରେଳୱେ ବୋର୍ଡର ଉଦାସୀନତାକୁ ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ସହଜରେ ଗ୍ରହଣ କରିପାରିନାହିଁ। ଏହି ମର୍ମରେ ସମିତିର ଆବାହକ ସନ୍ତୋଷ ଦାସ ଏକ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, ଏହି ପ୍ରକଳ୍ପ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପୂର୍ବତଟ ରେଳପଥ ତରଫରୁ ପ୍ରସ୍ତୁତ ହୋଇ ରେଳୱେ ବୋର୍ଡ ପାଖରେ ମଞ୍ଜୁରୀ ପାଇଁ ଗତ ଜୁଲାଇ ୧୬ରେ ଦାଖଲ ହୋଇଥିଲା। ରେଳୱେ ବୋର୍ଡ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ। ୧୦୧.୨୬ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ରେଳପଥକୁ ୪ବର୍ଷ ମଧ୍ୟରେ ନିର୍ମାଣ କରାଗଲେ ୩୩୧୫ କୋଟି ୭୬ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରକଳ୍ପରୁ ରେଳୱେକୁ ୧୪.୫୧ ଶତାଂଶ ଲାଭ ମିଳିବ ବୋଲି ଡିପିଆରରେ ଉଲ୍ଲେଖ ରହିଛି। ରେଳପଥ ନିର୍ମାଣ ପାଇଁ ୨୯୪.୩୮ ଏକର ସରକାରୀ ଜମି, ୧୩୧୬.୪୩୫ ଏକର ଘରୋଇ ଜମି ଓ ୧୨.୭୭୮ ଏକର ରାଜସ୍ୱ ଜଙ୍ଗଲ କିସମର ଜମି ଆଦିକୁ ମିଶାଇ ମୋଟ ୧୬୨୩.୫୯୩ ଏକର ଅଧିଗ୍ରହଣ କରିବାକୁ ହେବ। ରେଳପଥ ଯେଉଁ ବାଟ ଦେଇ ଯିବ, ସେଠାରେ କୌଣସି ବନ୍ୟଜନ୍ତୁ, ଅଭୟାରଣ୍ୟ ନାହିଁ। ତେଣୁ ଜମି ଅଧିଗ୍ରହଣ ସମସ୍ୟା ନୁହେଁ ବୋଲି ବିସ୍ତୃତ ପ୍ରକଳ୍ପ ରିପୋର୍ଟରେ ଉଲ୍ଲେଖ ରହିଛି। ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ପ୍ରଥମ ବର୍ଷରେ ହିଁ ଖଣିଜ ସମ୍ପଦ ପରିବହନରୁ ରେଳୱେ ବୋର୍ଡ ୪୧୩ କୋଟି ଟଙ୍କା ଆୟ କରିବ ବୋଲି ଆକଳନ କରାଯାଇଛି। ମାତ୍ର ଦୁଇ ଯୋଡ଼ା ଟ୍ରେନ ଚଳାଇ ବର୍ଷକୁ ୧୬ ଲକ୍ଷ ୮୪ ହଜାର ଯାତ୍ରୀଙ୍କୁ ଯାତାୟାତ ସୁବିଧା ପ୍ରଦାନ କରାଯାଇପାରିବ ବୋଲି ଆକଳନ କରାଯାଇଛି। ସେହିପରି ଯାଜପୁରର ବିରଜାକ୍ଷେତ୍ର, ଆରଡ଼ିର ଶୈବପୀଠ ଓ ଭିତରକନିକାର ଜାତୀୟ ଉଦ୍ୟାନକୁ କେନ୍ଦ୍ରକରି ତୀର୍ଥଯାତ୍ରୀ ଓ ପର୍ଯ୍ୟଟକମାନଙ୍କୁ ଏହି ରେଳପଥ ଆକୃଷ୍ଟ କରି ରାଜସ୍ୱ ଆୟ କରିପାରିବ ବୋଲି ମଧ୍ୟ ଉଲ୍ଲେଖ ରହିଛି। କିନ୍ତୁ ରେଳୱେ ବୋର୍ଡ ଆନ୍ତରିକତା ନ ଦେଖାଇବା ଦୁର୍ଭାଗ୍ୟଜନକ। ବୋର୍ଡର ଏହି କାର୍ଯ୍ୟ ରେଳୱେ ମାନୁଆଲର ନିୟମାବଳୀକୁ ଉଲ୍ଲଂଘନ କରୁଛି। ରେଳୱେ ମାନୁଆଲ ଅନୁସାରେ କୌଣସି ପ୍ରକଳ୍ପ ରିପୋର୍ଟ ରେଳୱେ ଜୋନ ପାଖରୁ ହସ୍ତଗତ ହେଲା ପରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ (ସ୍ୱାଭାବିକ ଭାବେ ୧୦ ଦିନ ମଧ୍ୟରେ) ଭିଡିଓ କନଫରେନ୍ସିଂ ଜରିଆରେ ଜୋନ୍ ସହ ଆଲୋଚନା କରାଯିବ। କୌଣସି ମାମୁଲି ତ୍ରୁଟି ଥିଲେ ତାହାର ସଂଶୋଧନ କରାଯାଇ ତିନି ଦିନ ମଧ୍ୟରେ ତାହାକୁ ରେଳୱେ ବୋର୍ଡ ପାଖରେ ପୁନର୍ବାର ଦାଖଲ କରାଯିବ। ଯଦି ବଡ଼ଧରଣର ସଂଶୋଧନ ଆବଶ୍ୟକ ପଡ଼େ ତେବେ ତାହାକୁ ୨୦ ଦିନ ମଧ୍ୟରେ ସଂଶୋଧନ କରିବାକୁ ହେବ। ରେଳୱେ ମାନୁଆଲରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଡିପିଆର ମଞ୍ଜୁରୀ ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ରହିଥିଲେ ବି ରେଳୱେ ବୋର୍ଡ କାହିଁକି ଏହି ପ୍ରକଳ୍ପ ପ୍ରତି ଅବହେଳା ପ୍ରଦର୍ଶନ କରୁଛି, ତାହା ଚିନ୍ତାର କାରଣ ପାଲଟିଛି ବୋଲି ସମିତି ପକ୍ଷରୁ କୁହାଯାଇଛି। ଏହି ଉଦାସୀନତା ସମ୍ପର୍କରେ ବିଚାରବିମର୍ଶ କରି ତୁରନ୍ତ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ସ୍ଥିର କରାଯିବ ବୋଲି ସମିତି ପକ୍ଷରୁ ଘୋଷଣା କରାଯାଇଛି।

# ରାସ୍ତାପାର୍ଶ୍ୱ ଖୋଳାଯିବାରୁ ସଡ଼କ, ଗଛ କ୍ଷତିଗ୍ରସ୍ତ

## ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ପାଇପ ବିଛା

ପଟ୍ଟାମୁଣ୍ଡାଇ,୧୧।୮ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ଘରେ ଘରେ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇବା ଲାଗି ରାଜ୍ୟ ସରକାର ସଂସାରଫଳଠାରେ ୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ କରିଛନ୍ତି ମେଗା ପାନୀୟ ଜଳ ପ୍ରକଳ୍ପ। ପଟ୍ଟାମୁଣ୍ଡାଇ-ମାଳିବସା ଭାୟା ଆମ୍ଭେର ରାସ୍ତା ପାର୍ଶ୍ୱରେ ପାଇପ ବିଛା କାର୍ଯ୍ୟ ଯୋଗୁ ବ୍ୟାପକ ରାସ୍ତା ଓ ଗଛ ନଷ୍ଟ ହେଉଛି। ବହୁ ପରିମାଣରେ ବିଭିନ୍ନ କିସମର ଛୋଟବଡ଼ ଗଛ କଟାଯାଉଥିବା ବେଳେ ରାସ୍ତାପାର୍ଶ୍ୱରୁ ଜେସିବି ଲଗାଇ ମାଟି ଖୋଳି ପାଇପ୍ ବିଛା ହେଉଛି। ଫଳରେ ରାସ୍ତାଗୁଡ଼ିକ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗ ପକ୍ଷରୁ ସେପରି କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ମତ ପ୍ରକାଶ ପାଇଛି। ଏ ନେଇ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ପାନୀୟ ଜଳ ବିଭାଗ ଯନ୍ତ୍ରୀ ପ୍ରସନ୍ନଜିତ ବାରିକଙ୍କୁ ପଚାରିବାରେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳରେ ଘରେଘରେ ପାନୀୟଜଳ ଯୋଗାଣ ପାଇଁ ପାଇପ ବିଛାଇବା କାମ ଚାଲିଛି। ପାଇପ ରାସ୍ତାଠାରୁ ନିର୍ଦ୍ଦିଷ୍ଟ ଦୂରତ୍ୱରେ ବିଛାଇବାକୁ ଅନୁମତି ମିଳିଛି। ତେବେ ମେଗା ପାଣି ପାଇପ ଲାଇନ ବିଛାଇବା ସମୟରେ ସମସ୍ତ ନୀତିନିୟମକୁ ଉଲ୍ଲଂଘନ କରି ଠିକାସଂସ୍ଥା ରାସ୍ତାପାର୍ଶ୍ୱରୁ ଜେସିବି ଲଗାଇ ମାଟି ଖୋଳି ପାଇପ ବିଛାଇବା କାରଣରୁ ରାସ୍ତାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ଏମିତିକି ବହୁ ଛୋଟ ବଡ ଗଛ ମୂଳରୁ ଉପାଡ଼ି ପୋତି ଦେଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ନାଲୁ ମଲିକ, ଟୁକୁନା ମଲିକ, କାଲୁଆ ମଲିକ ପ୍ରମୁଖ ଅଭିଯୋଗ କରିଛନ୍ତି, ପଟ୍ଟାମୁଣ୍ଡାଇ-ମାଳିବସା ଭାୟା ଆମ୍ଭେର ରାସ୍ତା କଡକୁ ହାଣି ପାଇପ ଲାଇନ ବିଛା ହେଉଥିବାରୁ ଚଳପ୍ରଚଳ ବନ୍ଦ ହେବା ସହ ରାସ୍ତା ପାର୍ଶ୍ୱ କ୍ଷତିଗ୍ରସ୍ତ ହୋଇଛି। ବର୍ଷା ଦିନେ ପାଇପ୍ ବିଛାଇବାରୁ ରାସ୍ତାଗୁଡ଼ିକ କାଦୁଅ ହୋଇ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଶୁକ୍ରବାର ବର୍ଷାବେଳେ ଜଣେ ବାଇକ୍ ଆରୋହୀ ପଡ଼ି ଖଣ୍ଡିଆ ଖାବରା ହୋଇ ଡାକ୍ତରଖାନା ଯାଇଥିଲେ। ଏଭଳି ବେଆଇନ ଭାବେ ରାସ୍ତାକଡରୁ ମାଟି ଖୋଳାଯିବାରୁ ପଟ୍ଟାମୁଣ୍ଡାଇ-ମାଳିବସା ଭାୟା ଆମ୍ଭେର ଗ୍ରାମ୍ୟ ଉନ୍ନୟନ ରାସ୍ତା ଫାଟି କ୍ଷତିଗ୍ରସ୍ତ ହୋଇଛି। ଏହାକୁ ନେଇ ଗ୍ରାମର ଜନସାଧାରଣ ତୀବ୍ର ବିରୋଧ କରିବାରୁ ଶନିବାର କାମ ବନ୍ଦ ରହିଛି। ବୁଦ୍ଧିଜୀବୀ କୃତ୍ତିବାସ ପ୍ରଧାନ କହିଛନ୍ତି, ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ଠିକାଦାର ମନମୁଖି କାର୍ଯ୍ୟ କରି ରାସ୍ତାଘାଟ ଆଦି ସରକାରୀ ସମ୍ପତ୍ତିକୁ ନଷ୍ଟ କରିଚାଲିଛନ୍ତି। ଖରାଦିନରେ କାମ ନ କରି ବର୍ଷାଦିନେ ରାସ୍ତାପାର୍ଶ୍ୱରୁ ମାଟି ଖୋଳି ପାଇପ୍ ବିଛାଇବା ଦ୍ୱାରା ଯାତାୟାତ ପାଇଁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ଦିନଠାରୁ ଜନସାଧାରଣ ବାରମ୍ବାର ରାସ୍ତାପାର୍ଶ୍ୱରୁ ଯଥେଷ୍ଟ ଜାଗା ଛାଡ଼ି ପାଇପ୍ ବିଛାଇବା ପାଇଁ ଅଭିଯୋଗ କଲେ ମଧ୍ୟ ଠିକାଦାର କିମ୍ବା ବିଭାଗୀୟ ଅଧିକାରୀ ସେଥିପ୍ରତି କର୍ଣ୍ଣପାତ ନ କରି ଜୋରଜବରଦସ୍ତ କାମ କରି ଚାଲିଛନ୍ତି। ଏ ସମ୍ପର୍କରେ ଆର୍‌ଡି ଯନ୍ତ୍ରୀ ବିକାଶ ଗାହାଣଙ୍କୁ ପଚାରିବାରେ ରାସ୍ତାଠାରୁ ପାଖାପାଖି ନିର୍ଦ୍ଦିଷ୍ଟ ଦୂରତାରେ ପାଇପ ଲାଇନ ବିଛାଇବା କଥା। ମାତ୍ର ଠିକାଦାର ଏପରି ମନମୁଖି କାର୍ଯ୍ୟ ପାଇଁ ରାସ୍ତା ଖରାପ ହେଉଛି। ଏ ନେଇ ଗ୍ରାମ୍ୟ ପାନୀୟ ଜଳ ବିଭାଗକୁ ଅଫିସିଆଲି ଚିଠି କରାଯିବ ବୋଲି ସେ କହିଛନ୍ତି।



ପଟ୍ଟାମୁଣ୍ଡାଇ-ମାଳିବସା ଭାୟା ଆମ୍ଭେର ରାସ୍ତା ପାର୍ଶ୍ୱକୁ ଖୋଳି ପାଇପ ବିଛା ଚାଲିଛି।

# ଉପକୂଳ ଅଞ୍ଚଳ ହେବ ସବୁଜ ବନାନୀ




ମା' ରାମଚଣ୍ଡୀ ମନ୍ଦିରରେ ଉପସ୍ଥିତ ଅତିଥିମାନେ।

- ଅଣ୍ଟାଭିଡ଼ିଲ ରାମଚଣ୍ଡୀ ଚାରିଟେବଲ ଫାଉଣ୍ଡେଶନ
- ତାଳ, ହେନ୍ତାଳ ଜଙ୍ଗଲ ସୃଷ୍ଟି ହେବ

ମହାକାଳପଡ଼ା,୧୧।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୂର୍ବ ପରିବେଶ ବିଗିଡ଼ିବାରେ ଲାଗିଛି। ଏହାକୁ ସବୁଜିମାଭରା ଜଙ୍ଗଲ ସୃଷ୍ଟି କରିଯିବ। କାରଣ ଜଙ୍ଗଲ ସୃଷ୍ଟି ବିନା ଜୀବଜଗତ ବିଲୁପ୍ତ ହେବାର ଆଶଙ୍କା ରହିଛି। ମହାକାଳପଡ଼ା ବ୍ଲକ ମା' ରାମଚଣ୍ଡୀ ପୀଠରେ ରବିବାର ପୂର୍ବାହ୍ନରେ ରାମଚଣ୍ଡୀ ଚାରିଟେବଲ ୟୁନାଇଟେଡ ଫାଉଣ୍ଡେଶନ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟତଃ ସମୁଦ୍ର କୂଳରେ ବିସ୍ତୀର୍ଣ୍ଣ ପ୍ରାକୃତିକ ପରିବେଶ ସୃଷ୍ଟି କରିବାକୁ ସବୁଜ ବନାନୀ ପରିପୂର୍ଣ୍ଣ ପାଇଁ ବ୍ୟାପକ ପରିମାଣରେ ଚାରା ରୋପଣ କରାଯାଇ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବାକୁ ମୂଳ ଲକ୍ଷ୍ୟ ରହିଛି ବୋଲି ଫାଉଣ୍ଡେଶନ ଚେୟାର ପର୍ସନ ଶଙ୍କର ସରକାର ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଜମ୍ବୁ, ବଡିଘର, ସୁନିତି, ବଉଳକଣି, ରାମନଗର, ଖରିନାସୀ ସମେତ ବିଭିନ୍ନ ଅଞ୍ଚଳର ନଦୀବନ୍ଧ, ସରକାରୀ ବେସରକାରୀ ପତିତ ଜମିରେ ବ୍ୟାପକ ପରିମାଣରେ ତାଳ, ହେନ୍ତାଳ, ଜାମୁ, କରଞ୍ଜ, ବଉଳ ସମେତ ବିଭିନ୍ନ କିସମର ଲୁଣା ଜାତୀୟ ଚାରା ରୋପଣ କରାଯିବ ବୋଲି କାର୍ଯ୍ୟକ୍ରମରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଗାମୀ ଭବିଷ୍ୟତର ଯୁବପିଢ଼ିଙ୍କ ମହତ କାର୍ଯ୍ୟ ପାଇଁ ନୂଆ ସନ୍ଦେଶ ଦେବ ବୋଲି ଫାଉଣ୍ଡେଶନ ସଭାପତି ଡ. ଗୋଲେଖ ଚନ୍ଦ୍ର ନାଉରୀ ମତବ୍ୟକ୍ତ କରିଥିଲେ। ସେହିପରି ସମାଜରେ ଅନେକ ଗରିବ, ନିଷ୍ପେଷିତ, ଅବହେଳିତ ଅବସ୍ଥାରେ ଜୀବନ ଜିଉଛନ୍ତି। ସେମାନଙ୍କୁ ଅଗ୍ରାଧିକାରଭିତ୍ତିରେ ସହାୟତା ଯୋଗାଇ ଦେବାକୁ ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି। ଏହି ଫାଉଣ୍ଡେଶନର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ମହିଳା ଗୋଷ୍ଠୀ ସଙ୍ଗଠନ, ସାମାଜିକ କର୍ମୀ, ଯୁବକମାନେ ଉପସ୍ଥିତ ଥିଲେ। ବଡିଘର ପଞ୍ଚାୟତ ସମିତିସଭ୍ୟ କ୍ରିଷ୍ଣପଦ ମଣ୍ଡଳ, ଶ୍ରୀମନ୍ତ ଦାସ, ଶିକ୍ଷାବିତ୍ ସମ୍ରାଟ ଦେବନାଥ, ଗୋବିନ୍ଦ ଚନ୍ଦ୍ର ଦାସ, ମଳୟ କୁମାର ରାଉତ, ଅର୍ଜ୍ଜୁନ ଦେବନାଥ, ଜଗନ୍ନାଥ ଦାସ, ସ୍ମୃତି ରଞ୍ଜନ ଦ୍ୱିବେଦୀ, ଉଷାରାଣୀ ଦେବନାଥ, ମେନକା ବେବନାଥ, ସଚିରାଣୀ ଦେବନାଥଙ୍କ ସମେତ ବହୁସଂଖ୍ୟାରେ ଉପସ୍ଥିତ ଥିଲେ।

# କିଶୋରୀ ମେଳା ଅନୁଷ୍ଠିତ

ରାଜନଗର,୧୧।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ କିଶୋରୀ ମେଳା ୨୦୨୪-୨୫ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଏହି ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମିଶନ ଶକ୍ତିର ସଂଯୋଜିକା ସାଗରୀକା ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପାତ୍ର ମୁଖ୍ୟ ଅତିଥି ଭାବେଯୋଗ ଦେଇଥିଲେ। ସିଡିପିଓ ସନ୍ତୋଷିନୀ ଭୋଇ, ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର, ଶିକ୍ଷା ବିଭାଗର ଏବିଇଓ, ସ୍ୱାସ୍ଥ୍ୟ ବିଭାଗର ଏଏନ୍‌ଏମ୍ ପ୍ରମୁଖ ଯୋଗଦେଇ କିଶୋରୀ ଦିବସରେ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଆଦବିକାମାନଙ୍କୁ ଦିଆଯାଉଥିବା ଖାଦ୍ୟ, ସେମାନଙ୍କର ଯତ୍ନ, ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି ବିଷୟରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। କିଶୋରୀମାନଙ୍କ ମଧ୍ୟରେ ସଙ୍ଗୀତ, ଝୋଟି, ସାଧାରଣଜ୍ଞାନ ପ୍ରଭୃତି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ପରିଦର୍ଶିକା ରଜନୀ ରାଉଳ ସ୍ୱାଗତ ଭାଷଣ, ସିଡିପିଓ ଭୋଇ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ପୁଷ୍ପଲତା ରଥ ଓ ମୁଖ୍ୟ ପରିଦର୍ଶିକା ମିନତି ମିଶ୍ର, ପ୍ରତିଭା ମହାନ୍ତି, ସୁଲୋଚନା ରାଉତ, ଶୈଳପ୍ରଭା ସ୍ୱାଇଁ, ବିଜୟା ଲକ୍ଷ୍ମୀ ସ୍ୱାଇଁ, ଶଶୀରେଖା ତରାଇ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଅଙ୍ଗନୱାଡି କର୍ମୀ ଓ କିଶୋରୀମାନେ ଯୋଗଦେଇ ଥିଲେ।

# ଜୟରାଷ୍ଟ୍ରର ପୁସ୍ତକ ଚର୍ଚ୍ଚାରେ ସାଫ୍ରନ୍ ସୋର୍ଡସ୍

କେନ୍ଦ୍ରାପଡ଼ା, ୧୧।୮ (ଜଗନ୍ନାଥ ଧଳ)

ସାମାଜିକ ସଙ୍ଗଠନ ଜୟରାଷ୍ଟ୍ର ପକ୍ଷରୁ ସହରର ତିନିମୁହାଣୀସ୍ଥିତ ଶ୍ରୀରାମ ମନ୍ଦିର ସମ୍ମିଳନୀ କକ୍ଷରେ ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆରେ ଅନୁବାଦ ହୋଇଥିବା ବଙ୍ଗଳା ଲେଖିକା ମାନସୀ ସିହ୍ନା ରାଓଲଙ୍କ ରଚିତ ଇଂଲିଶ ପୁସ୍ତକ ସାଫ୍ରନ୍ ସୋର୍ଡସ୍ ସମ୍ପର୍କରେ ଚର୍ଚ୍ଚା ଓ ଆଲୋଚନା ହୋଇଥିଲା। ଏହି ନିଆରା ସାରସ୍ୱତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅନୁବାଦିକା ନବଜ୍ୟୋତି ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେ ଏହା ମଧ୍ୟ କହିଥିଲେ ଯେ, ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସକୁ ସଙ୍କୁଚିତ କରିଦେବା ପାଇଁ ନାନା ଉଦ୍ୟମ ହେବା ସତ୍ତ୍ୱେ ସାଫ୍ରନ୍ ସୋର୍ଡସ୍ ପରି ପୁସ୍ତକ ସ୍ୱାଧୀନତା ସଂଗ୍ରାମର ପୂର୍ଣ୍ଣ ସତ୍ୟକୁ ଉନ୍ମୋଚନ କରିବାରେ ସଫଳ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ କଥାକାର ପ୍ରଦୀପ ନାୟକ ସାଫ୍ରନ୍ ସୋର୍ଡସ୍ ପୁସ୍ତକ ସ୍ରଷ୍ଟାଙ୍କର ଏକ କାଳଜୟୀ କୃତି ବୋଲି ମତବ୍ୟକ୍ତ କରିଥିଲେ। ଏହି ପୁସ୍ତକରେ ବିଗତ ୧୩ଶହ ବର୍ଷର ସ୍ୱାଧୀନତା ସଂଗ୍ରାମର ଲହୁଲୁହର ଇତିହାସ ଉଲ୍ଲେଖ କରାଯାଇଛି। ଭାରତ ସ୍ୱାଧୀନତା ସଂଗ୍ରାମର ଅନେକ ଅକୁହା କଥା ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି ବୋଲି ମୁଖ୍ୟବକ୍ତା ପ୍ରଦୀପ କୁମାର ନାୟକ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଫ୍ରନ୍ ସୋର୍ଡସ୍‌ର ଓଡ଼ିଆ ଅନୁବାଦକ ଅନ୍ତର୍ଯ୍ୟାମୀ ମହାରଣା ଅନୁବାଦ ବେଳରେ ଅନୁଭବ ବଖାଣିବା ସହ ଏହି ପୁସ୍ତକ ପ୍ରତିଟି ଭାରତୀୟ ପାଇଁ ଏକ ଅମୂଲ୍ୟ ଗ୍ରନ୍ଥ ବୋଲି କହିଥିଲେ। କେବଳ ଇତିହାସର ଛାତ୍ର ନୁହଁ ବରଂ ପ୍ରତିଟି ଭାରତୀୟ ଏହି ପୁସ୍ତକ ପାଠ କରିବା ଉଚିତ। ଗାଳ୍ପିକ ମାତୃଦତ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଳୟ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ବୀରେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ। ରଶ୍ମିରଞ୍ଜନ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ପଙ୍କଜ ସିହ୍ନା, ଗୌତମ ସାହୁ, ସୁଶାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଯୁବ ଅନୁବାଦକ ମହାରଣାଙ୍କୁ ତାଙ୍କ ସାହିତ୍ୟ କୃତି ପାଇଁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ଜୟରାଷ୍ଟ୍ର ପକ୍ଷରୁ ପ୍ରତି ମାସରେ ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।



ଅତିଥିମାନେ ପୁସ୍ତକର ସମୀକ୍ଷା କରୁଛନ୍ତି।

# ପଟ୍ଟାମୁଣ୍ଡାଇ ବ୍ଲକରେ ୱାର୍ଡସଭ୍ୟ ତାଲିମ ଶିବିର

ପଟ୍ଟାମୁଣ୍ଡାଇ, ୧୧।୮ ( କଳ୍ପତରୁ ନାୟକ)

ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଉପଯୁକ୍ତ ଭାବେ ତାଲିମ କରିବାକୁ ପଟ୍ଟାମୁଣ୍ଡାଇ ବ୍ଲକରେ ୱାର୍ଡ ସଭ୍ୟମାନଙ୍କୁ ନେଇ ଏକ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ସରକାରୀ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରଶାସନ ଓ ପଞ୍ଚାୟତ ପ୍ରତିନିଧି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ପଞ୍ଚାୟତ ପ୍ରତିନିଧିମାନେ ସରକାରୀ ଯୋଜନା ସମ୍ପର୍କରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ବିଡିଓ ଶୁଭ୍ରାଂଶୁ ସାହୁ ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମ ଓ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଏବିଡିଓ ସନ୍ତୋଷ ମନ୍ତ୍ରୀ, ଜିପିଡିଓ ପୀତାମ୍ବର ଜେନା, ବ୍ଲକ କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରିୟ ରଞ୍ଜନ ସ୍ୱାଇଁ ଯୋଗଦେଇ ବ୍ଲକ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ଶିବିର ସରକାରଙ୍କ ପକ୍ଷରୁ ଏସ୍‌ଆଇଡି ପ୍ରଶିକ୍ଷକ ଲଳିତ କୁମାର ସାହୁଙ୍କ ସମେତ ୨ଜଣ ରିସୋରର୍ସ ପର୍ସନ ୱାର୍ଡ ସଭ୍ୟମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଶୁକ୍ରବାର ବଲୁରିଆ, ବାଲିପାଟଣା, ସିଂହଗାଁ, ଚନ୍ଦନନଗର ଓ ବିଲିକଣା ପଞ୍ଚାୟତର ୭୧ଜଣ ୱାର୍ଡ ସଭ୍ୟଙ୍କ ମଧ୍ୟରୁ ୬୪ଜଣ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।




ତାଲିମ ଶିବିରରେ ଯୋଗ ଦେଇଥିବା ଅତିଥିମାନେ।

# ସ୍ୱାସ୍ଥ୍ୟସେବା ଶିବିର: ୨୩୮ ଲୋକଙ୍କ ଚିକିତ୍ସା



ରାଜକନିକା, ୧୧।୮ (ସଞ୍ଜୟ କୁମାର ଦାଶ)

ଓଲାଭର ଯୁବକ ସଂଘ ଆନୁକୂଲ୍ୟରେ ସାମାଜିକ କର୍ମୀ ଅନିରୁଦ୍ଧ ମହଲାଙ୍କ ସ୍ମୃତିରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ରବିବାର ରାଜକନିକାର ଓଲାଭର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିନିକିଆ ସ୍ୱାସ୍ଥ୍ୟ ସେବା ଶିବିରରେ କଟକ ବଡ଼ ମେଡିକାଲର ଡାକ୍ତରମାନେ ରୋଗୀସେବା ଯୋଗାଇଥିଲେ। ସ୍ନାୟୁ ବିଭାଗ ପାଇଁ ଡା. ସୁଶାନ୍ତ ଖିଲାର, ଶ୍ୱାସ ଓ ଫୁସ୍‌ଫୁସ୍ ବିଭାଗ ପାଇଁ ଡା. ଗଣେଶ୍ୱର ଦାସ ଏବଂ ସ୍ତ୍ରୀ ଓ ପ୍ରସୂତି ବିଭାଗ ପାଇଁ ଡା. ସୋନି ନନ୍ଦ ପ୍ରମୁଖ ଯୋଗଦେଇ ରୋଗୀସେବା ଯୋଗାଇ ଥିଲେ। ଶିବିରରେ ରୋଗୀ ସେବା ସହ ସମସ୍ତ ବିଭାଗର ଔଷଧ ପ୍ରଦାନ କରାଯାଇଥିଲା। ଶିବିରରେ ମୋଟ ୨୩୮ ରୋଗୀଙ୍କ ନାମ ପଞ୍ଜୀକୃତ ହୋଇଥିବା ବେଳେ ସ୍ନାୟୁ ବିଭାଗରେ ୧୩୦, ଶ୍ୱାସ ଓ ଫୁସ୍‌ଫୁସ୍ ବିଭାଗରେ ୫୪ ଏବଂ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ୫୪ ଜଣ ରୋଗୀଙ୍କୁ ସେବା ଯୋଗାଇ ଦିଆଯାଇଛି। ଶିବିରର ସଫଳ ରୂପାୟନ ପାଇଁ ଯୁବକ ସଂଘ ପକ୍ଷରୁ ସମସ୍ତଙ୍କୁ ସମ୍ପାଦକ ଶ୍ରୀନିବାସ ଓଝା ସାଧୁବାଦ ସହ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବ୍ଲକ ଓଷ୍ଟାର କର୍ମକର୍ତ୍ତା ନିର୍ବାଚନ

କେନ୍ଦ୍ରାପଡ଼ା, ୧୧।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ କୁତରଙ୍ଗସ୍ଥିତ ମଦନମୋହନ ଜ୍ଞାନପୀଠଠାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ବ୍ଲକସ୍ତରୀୟ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ତପନ କୁମାର ଦାଶ ମନୋନୀତ ହୋଇଛନ୍ତି। ସେହିପରି ଉପସଭାପତି କନକ ଓଝା, ରାଜକିଶୋର ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ କଲ୍ୟାଣୀ ସ୍ୱାଇଁ, ପଙ୍କଜ କୁମାର ବେହୁରା, ଅରୁଣ କୁମାର ପଣ୍ଡା, ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ଶର୍ମା, ସୁରେଶ ଚନ୍ଦ୍ର ସ୍ୱାଇଁ, ତୁଷାରକାନ୍ତ ସାମନ୍ତରାୟ, ପ୍ରଭାକର ଆଚାର୍ଯ୍ୟ, ରବୀନ୍ଦ୍ର କୁମାର ସ୍ୱାଇଁ ଓ ରାଜ୍ୟ ପରିଷଦ ସଭ୍ୟ ଭାବେ ପ୍ରକାଶ ଚନ୍ଦ୍ର ପାଣି, ପ୍ରିୟରଞ୍ଜନ ବିଶ୍ୱାଳ, ନିରାକାର ସାମଲ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ପ୍ରଧାନ ଶିକ୍ଷକ ଅଲେଖ ଚନ୍ଦ୍ର ମହାନ୍ତିଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ରେଳୱେ ବୋର୍ଡର ଉଦାସୀନତା ବିରୋଧରେ ଆନ୍ଦୋଳନ ଚେତାବନୀ

## ଯାଜପୁର ରୋଡ୍-ଧାମରା ପ୍ରସ୍ତାବିତ ରେଳ ପ୍ରକଳ୍ପ

ଯାଜପୁର,୧୧।୮ (ହର୍ଷବର୍ଦ୍ଧନ ବେହେରା)

କେନ୍ଦ୍ର ସରକାର ଓଡ଼ିଶା ପାଇଁ ଏକାଥରକେ ୧୫ ହଜାର କୋଟି ଟଙ୍କାର ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। କିନ୍ତୁ ଯାଜପୁର ରୋଡ୍-ଧାମରା ରେଳପଥ ନିର୍ମାଣ ପାଇଁ ରେଳୱେ ବୋର୍ଡର ଉଦାସୀନତାକୁ ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ସହଜରେ ଗ୍ରହଣ କରିପାରିନାହିଁ। ଏହି ମର୍ମରେ ସମିତିର ଆବାହକ ସନ୍ତୋଷ ଦାସ ଏକ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, ଏହି ପ୍ରକଳ୍ପ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପୂର୍ବତଟ ରେଳପଥ ତରଫରୁ ପ୍ରସ୍ତୁତ ହୋଇ ରେଳୱେ ବୋର୍ଡ ପାଖରେ ମଞ୍ଜୁରୀ ପାଇଁ ଗତ ଜୁଲାଇ ୧୬ରେ ଦାଖଲ ହୋଇଥିଲା। ରେଳୱେ ବୋର୍ଡ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ। ୧୦୧.୨୬ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ରେଳପଥକୁ ୪ବର୍ଷ ମଧ୍ୟରେ ନିର୍ମାଣ କରାଗଲେ ୩୩୧୫ କୋଟି ୭୬ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରକଳ୍ପରୁ ରେଳୱେକୁ ୧୪.୫୧ ଶତାଂଶ ଲାଭ ମିଳିବ ବୋଲି ଡିପିଆରରେ ଉଲ୍ଲେଖ ରହିଛି। ରେଳପଥ ନିର୍ମାଣ ପାଇଁ ୨୯୪.୩୮ ଏକର ସରକାରୀ ଜମି, ୧୩୧୬.୪୩୫ ଏକର ଘରୋଇ ଜମି ଓ ୧୨.୭୮ ଏକର ରାଜସ୍ୱ ଜଙ୍ଗଲ କିସମର ଜମି ଆଦିକୁ ମିଶାଇ ମୋଟ ୧୬୨୩.୫୯୩ ଏକର ଅଧିଗ୍ରହଣ କରିବାକୁ ହେବ। ରେଳପଥ ଯେଉଁ ବାଟ ଦେଇ ଯିବ, ସେଠାରେ କୌଣସି ବନ୍ୟଜନ୍ତୁ, ଅଭୟାରଣ୍ୟ ନାହିଁ। ତେଣୁ ଜମି ଅଧିଗ୍ରହଣ ସମସ୍ୟା ନୁହେଁ ବୋଲି ବିସ୍ତୃତ ପ୍ରକଳ୍ପ ରିପୋର୍ଟରେ ଉଲ୍ଲେଖ ରହିଛି। ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ପ୍ରଥମ ବର୍ଷରେ ହିଁ ଖଣିଜ ସମ୍ପଦ ପରିବହନରୁ ରେଳୱେ ବୋର୍ଡ ୪୧୩ କୋଟି ଟଙ୍କା ଆୟ କରିବ ବୋଲି ଆକଳନ କରାଯାଇଛି। ମାତ୍ର ଦୁଇ ଯୋଡ଼ା ଟ୍ରେନ ଚଳାଇ ବର୍ଷକୁ ୧୬ ଲକ୍ଷ ୮୪ ହଜାର ଯାତ୍ରୀଙ୍କୁ ଯାତାୟାତ ସୁବିଧା ପ୍ରଦାନ କରାଯାଇପାରିବ ବୋଲି ଆକଳନ କରାଯାଇଛି। ସେହିପରି ଯାଜପୁରର ବିରଜାକ୍ଷେତ୍ର, ଆରଡ଼ିର ଶୈବପୀଠ ଓ ଭିତରକନିକାର ଜାତୀୟ ଉଦ୍ୟାନକୁ କେନ୍ଦ୍ରକରି ତୀର୍ଥଯାତ୍ରୀ ଓ ପର୍ଯ୍ୟଟକମାନଙ୍କୁ ଏହି ରେଳପଥ ଆକୃଷ୍ଟ କରି ରାଜସ୍ୱ ଆୟ କରିପାରିବ ବୋଲି ମଧ୍ୟ ଉଲ୍ଲେଖ ରହିଛି। କିନ୍ତୁ ରେଳୱେ ବୋର୍ଡ ଆନ୍ତରିକତା ନ ଦେଖାଇବା ଦୁର୍ଭାଗ୍ୟଜନକ। ବୋର୍ଡର ଏହି କାର୍ଯ୍ୟ ରେଳୱେ ମାନୁଆଲର ନିୟମାବଳୀକୁ ଉଲ୍ଲଂଘନ କରୁଛି। ରେଳୱେ ମାନୁଆଲ ଅନୁସାରେ କୌଣସି ପ୍ରକଳ୍ପ ରିପୋର୍ଟ ରେଳୱେ ଜୋନ ପାଖରୁ ହସ୍ତଗତ ହେଲା ପରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ (ସ୍ୱାଭାବିକ ଭାବେ ୧୦ ଦିନ ମଧ୍ୟରେ) ଭିଡିଓ କନଫରେନ୍ସ ଜରିଆରେ ଜୋନ୍ ସହ ଆଲୋଚନା କରାଯିବ। କୌଣସି ମାମୁଲି ତ୍ରୁଟି ଥିଲେ ତାହାର ସଂଶୋଧନ କରାଯାଇ ତିନି ଦିନ ମଧ୍ୟରେ ତାହାକୁ ରେଳୱେ ବୋର୍ଡ ପାଖରେ ପୁନର୍ବାର ଦାଖଲ କରାଯିବ। ଯଦି ବଡ଼ଧରଣର ସଂଶୋଧନ ଆବଶ୍ୟକ ପଡ଼େ ତେବେ ତାହାକୁ ୨୦ ଦିନ ମଧ୍ୟରେ ସଂଶୋଧନ କରିବାକୁ ହେବ। ରେଳୱେ ମାନୁଆଲରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଡିପିଆର ମଞ୍ଜୁରୀ ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ରହିଥିଲେ ବି ରେଳୱେ ବୋର୍ଡ କାହିଁକି ଏହି ପ୍ରକଳ୍ପ ପ୍ରତି ଅବହେଳା ପ୍ରଦର୍ଶନ କରୁଛି, ତାହା ଚିନ୍ତାର କାରଣ ପାଲଟିଛି ବୋଲି ସମିତି ପକ୍ଷରୁ କୁହାଯାଇଛି। ଏହି ଉଦାସୀନତା ସମ୍ପର୍କରେ ବିଚାରବିମର୍ଶ କରି ତୁରନ୍ତ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ସ୍ଥିର କରାଯିବ ବୋଲି ସମିତି ପକ୍ଷରୁ ଘୋଷଣା କରାଯାଇଛି।

# ରାଜପଥରେ ବୁଲାଗୋରୁ, ଦୁର୍ଘଟଣା ବଢୁଛି

ଆଳି,୧୧।୮ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ନୂଆବଜାର ମଧ ଦେଇ ଯାଇଥିବା କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ଏବେ ବୁଲାଗୋରୁଙ୍କ କବ୍‌ଜାକୁ ଚାଲିଯାଇଛି। ସନ୍ଧ୍ୟା ହେବା ମାତ୍ରେ ଏହି ରାସ୍ତାରେ ବୁଲା ଗୋରୁ ଅନାୟାସରେ ବୁଲୁଥିବାରୁ ତାହା ଗାଡ଼ି ଚାଳକଙ୍କ ପାଇଁ ଦୁର୍ଘଟଣାର କାରଣ ପାଲଟିଛି।

ଆଳି ଅଞ୍ଚଳର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳୀ ହେଉଛି ଆଳି ନୂଆବଜାର। ଏହି ବଜାରରେ ୫ଶହରୁ ଉର୍ଦ୍ଧ୍ୱ ବ୍ୟବସାୟ ପ୍ରତିଷ୍ଠାନ ଥିବାରୁ ସମଗ୍ର ଅଞ୍ଚଳର ଲୋକମାନେ ସକାଳୁ ରାତି ପର୍ଯ୍ୟନ୍ତ ଏହି ବଜାରକୁ ଆସିଥାନ୍ତି। ଏପରିକି ବ୍ଲକ ସଦର ମହକୁମାରେ ବ୍ଲକ କାର୍ଯ୍ୟାଳୟ, ଥାନା, ତହସିଲ ଭଳି ବିଭିନ୍ନ କାର୍ଯ୍ୟାଳୟ ଥିବାରୁ ଦୈନିକ ହଜାର ହଜାର ଲୋକ ଆସିଥାନ୍ତି। ଅପରାହ୍ନ ୪ ଟାରୁ ଏହି ରାସ୍ତା ବୁଲା ଗୋରୁଙ୍କ କବ୍‌ଜାକୁ ଚାଲି ଯାଉଛି। ବୁଲା ଗୋରୁ ବିଲରୁ ଚରି ସାରି ସିଧାସଳଖ ରାସ୍ତା ଉପରକୁ ଆସି ଶୋଇ ରହୁଛନ୍ତି। ପତ୍ରପୁର ସେତୁ ନିକଟରୁ ଗଡ଼ଗଡି ସେତୁ ପର୍ଯ୍ୟନ୍ତ ବିଭିନ୍ନ ଛକ ବଜାର ମଝିରେ ବୁଲା ଗୋରୁ ଅନାୟାସରେ ଚଳପ୍ରଚଳ କରିବା ସହିତ ରାସ୍ତା ମଝିରେ ଶୋଇ ରହୁଛନ୍ତି। ଆଳି ବଜାର ମଧ୍ୟରେ ବୁଲାଗୋରୁଙ୍କ ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ଅପରପକ୍ଷରେ ଆଳି ନୂଆବଜାର ମଧ୍ୟରେ ଲାଗିଥିବା ନିମ୍ନ ମାନର ଷ୍ଟ୍ରିଟ ଲାଇଟ କିଛିଦିନ ଜଳିବା ପରେ ଦୀର୍ଘଦିନ ହେବ ଅଚଳ ଅବସ୍ଥାରେ ଥିବାରୁ ବଜାର ସମ୍ପୂର୍ଣ୍ଣ ଭାବେ ଅନ୍ଧାର। ଅନ୍ଧାର ରାତିରେ ବିଭିନ୍ନ ସ୍ଥାନରେ ଗୋରୁ ଶୋଇଥିବା ଜଣା ନ ପଡିବାରୁ ଅନେକ ଗାଡି ଚାଳକ ଦୁର୍ଘଟଣାର ଶିକାର ହେଉଛନ୍ତି। ଏପରିକି ଅନେକ ସମୟରେ ବଡ଼ଗାଡି ଧକ୍କାରେ ଗାଈ, ଷଣ୍ଢ ମଧ୍ୟ ଆହତ ହେଉଛନ୍ତି। ଏହି ଘଟଣା ପ୍ରତିଦିନ ଘଟୁଥିବା ବେଳେ ଆଳି ପ୍ରଶାସନ ସବୁଦେଖି ଚୁପ ରହୁଛି। ତୁରନ୍ତ ରାଜରାସ୍ତାରୁ ବୁଲା ଗୋରୁଙ୍କୁ ହଟାଇବା ସହିତ ବଜାରରେ ଲାଗିଥିବା ନିମ୍ନମାନର ଷ୍ଟ୍ରିଟ୍ ଲାଇଟକୁ ବଦଳାଇ ନୂତନ ଷ୍ଟ୍ରିଟ ଲାଇଟ ଲଗାଇବାକୁ ସାଧାରଣରେ ଦାବି ହୋଇଛି।



ଆଳି ନୂଆବଜାର ମଧ ଦେଇ ଯାଇଥିବା କଟକ-ଚାନ୍ଦବାଲି ରାଜ୍ୟ ରାଜପଥରେ ବୁଲାଗୋରୁ ଶୋଇଛନ୍ତି।

## ସଂକ୍ଷେପରେ

### ଗୋଟିଏ ଦିନରେ ୨ ଅପମୃତ୍ୟୁ ମାମଲା

ନୟାଗଡ଼,୧୧।୮(ଲୋକନାଥ ମିଶ୍ର)

ଇଟାମାଟି ଥାନାର ଶରଧାପୁର ଓ ପଣ୍ଡୁସରରେ ରବିବାର ଦୁଇଟି ଅପମୃତ୍ୟୁ ହୋଇଛି। ଶରଧାପୁରର ପ୍ରଭାକର ନାୟକ କୋରାପୁଟରେ କନ୍‌ଷ୍ଟେବଲ ଭାବେ କାମ କରନ୍ତି। ଧାର କରଜ କରି ପରିଶୋଧ କରି ନ ପାରିବାରୁ ପ୍ରଭାକର ଚିନ୍ତାରେ ଥିଲେ। କିଛି ଦିନ ହେଲା ଛୁଟିରେ ରହି ଗାଁକୁ ଆସିଥିଲେ। ରବିବାର ଘର ନିକଟସ୍ଥ ଜଙ୍ଗଲିଆ ଅଞ୍ଚଳରେ ଗାମୁଛାରେ ଆତ୍ମହତ୍ୟା କରିଛନ୍ତି। ଅଭିଯୋଗ ପରେ ପୋଲିସ ୧୧/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷେ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେହିପରି ପଣ୍ଡୁସରର ନୀଳକଣ୍ଠ ବେହେରା(୫୦) ନିଶା ଖାଇଥାନ୍ତି। ରବିବାର ରାସ୍ତାରେ ଅଚେତ ହୋଇ ପଡି ପ୍ରାଣ ହରାଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ମୃତ ଘୋଷଣା ପରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ପୋଲିସ ୧୨/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ନୟାଗଡ଼ରେ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ

ନୟାଗଡ଼,୧୧।୮(ଲୋକନାଥ ମିଶ୍ର)

ଜାତୀୟତାବୋଧର ଜାଗରଣ କରିବା ସହିତ ଏକତା ଓ ଦେଶଭକ୍ତିରେ ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ ଗତ ଅଗଷ୍ଟ ୯ତାରିଖ ରୁ ୧୫ତାରିଖ ପର୍ଯ୍ୟନ୍ତ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଅନୁଷ୍ଠିତ ହେଉଛି। ଏ ଅବସରରେ ରବିବାର ନୟାଗଡ଼ ଜିଲାର ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ଜିଲା ପରିଷଦର ସୃଜନ ସଭାଗୃହରେ ତର୍କ, କୁଇଜ୍, ଚିତ୍ରାଙ୍କନ, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ଏଥି ନିମନ୍ତେ ତ୍ରିରଙ୍ଗା ପଟ୍ଟଚିତ୍ର, ତ୍ରିରଙ୍ଗା ସେଲଫି ପଏଣ୍ଟ, ଷ୍ଟାଣ୍ଡି ଇତ୍ୟାଦି କରାଯାଇଛି। ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ବ୍ଲକ୍ ମାଧ୍ୟମରେ ଓ ସହରାଞ୍ଚଳରେ ଏନଏସି ଓ ମ୍ୟୁନିସିପାଲିଟି ଅଞ୍ଚଳରେ ତ୍ରିରଙ୍ଗା ପତାକା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ପରିବାରର ସଦସ୍ୟମାନେ ପତାକା ସହିତ ସେଲଫି ନେଇ ସୋସିଆଲମିଡ଼ିଆରେ ଅପଲୋଡ୍ କରିବା ପାଇଁ ଅନୁରୋଧ କରାଯାଉଛି। ଆସନ୍ତା ୧୩ ତାରିଖରେ ନୟାଗଡ଼ର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର,ବରିଷ୍ଠ ନାଗରିକ,ଭାରତ ବିକାଶ ପରିଷଦର ସଭ୍ୟ, ଗଣମାଧ୍ୟମର ପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ନେଇ ତ୍ରିରଙ୍ଗା ଯାତ୍ରା ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ କରାଯିବ। ଏଥି ସହିତ ଅଗଷ୍ଟ ୧୫ରେ ଆନୁଷ୍ଠାନିକ ପରେଡ୍ ପରେ ନୟାଗଡ଼ର ସ୍ୱାଧୀନତା ସଂଗ୍ରାମୀ ଓ ଜାତୀୟ ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବ। ସନ୍ଧ୍ୟାରେ ପଠାଣି ସାମନ୍ତ ସଂସ୍କୃତି ଭବନରେ ଜାତୀୟତା ଓ ଦେଶପ୍ରେମ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଅସହାୟ ବୃଦ୍ଧା ଫୁଲ ରଣା ଆବାସ ଯୋଜନାରୁ ବଞ୍ଚିତ

ଭାପୁର,୧୧।୮
(ଭରତ କୁମାର ବେହେରା )


ନିଜ ଘର ସମ୍ମୁଖରେ ଫୁଲ ରଣା।

ଗରିବ ଅସହାୟମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଏପରି ବ୍ୟକ୍ତିମାନେ ଛାତ ତଳେ ରହିବା ପାଇଁ ଆବାସ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ବିଧବା ଅସହାୟ ବୃଦ୍ଧା ଫୁଲ ରଣା ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ପ୍ରଶାସନିକ ଅଧିକାରୀମାନଙ୍କୁ ଏ ସଂକ୍ରାନ୍ତରେ ବାରମ୍ବାର ଜଣାଇଲେ ମଧ୍ୟ ଫୁଲଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି।

ନୟାଗଡ଼ ଜିଲା ଭାପୁର ବ୍ଲକ୍ ପଦ୍ମାବତୀ ପଞ୍ଚାୟତ ପଦ୍ମାବତୀ ଗ୍ରାମର ସ୍ୱର୍ଗତ ପ୍ରମୋଦ କୁମାର ରଣାଙ୍କ ସ୍ତ୍ରୀ ଫୁଲ ରଣା। ଗୋଟିଏ ପୁଅ ଓ ଝିଅକୁ ନେଇ ତାଙ୍କ ପରିବାର । ସ୍ୱାମୀ ପ୍ରମୋଦ ଗତ ୨୫ବର୍ଷ ହେଲା ଆରପାରକୁ ଛାଡି ଚାଲିଗଲେଣି। ଝିଅକୁ ବହୁ କଷ୍ଟରେ ବିବାହ କରି ସାରିଥିବା ବେଳେ ଏକମାତ୍ର ପୁଅ ଶାରୀରିକ ଦୁର୍ବଳ ଅଟନ୍ତି। ତାଙ୍କର ଟାଇଲି ଛପର ଘର ଅଛି । ପୁରୁଣା ଟାଇଲି ମାଗି ଆଣି ଘର ଉପରେ ପକାଇଛନ୍ତି। ସେଥିରୁ ଅଧିକାଂଶ ଭାଙ୍ଗି ଇଲାଣି। ବର୍ଷା ହେଲେ ଘର ଭିତରେ ଆଣ୍ଠୁଏ ଉଚ୍ଚର ପାଣି ଜମୁଛି । ଗତ ୬ ତାରିଖ ଦିନ ଲଗାଣ ବର୍ଷାରେ ମାଆ ପୁଅ ଉପାସ ରହିଥିଲେ। ଘର ଭିତରୁ ବର୍ଷା ପାଣି ବୋହି ପଦାରେ ପକାଇଥିଲେ। ଘର କରିବା ପାଇଁ ଟଙ୍କା ନାହିଁ । ଲଘୁଚାପ ବର୍ଷାରେ ଚୁଲିରେ ପାଣି ଭର୍ତ୍ତି ହୋଇ ରହିଥିଲା । ଘର ଭିତରକୁ ଗଲେ ପାଦରେ କାଦୁଅ ଲାଗୁଛି । ଆବାସ ଯୋଜନାରେ ସାମିଲ ପାଇଁ ଫୁଲ ଏକାଧିକ ଥର ବ୍ଲକ୍‌କୁ ଯାଇ ଲିଖିତ ଭାବେ ଜଣାଇଛନ୍ତି। ଏଣେ ଗ୍ରାମର ସରପଞ୍ଚଙ୍କୁ ମଧ୍ୟ ଆବାସ ପାଇଁ ଗୁହାରି କରିଛନ୍ତି। ହେଲେ ମୋ କଥା କେହି ଶୁଣୁ ନାହାନ୍ତି କହି ଫୁଲ କାନ୍ଦୁଛନ୍ତି ।

ଘରେ ରୋଷଇ କରିବା ପାଇଁ ପାହଡ଼ ଜଙ୍ଗଲରୁ କାଠି କାଠ ସଂଗ୍ରହ କରିଛନ୍ତି । ଏଥିରେ ବହୁ ଦୁଖକଷ୍ଟରେ ପେଟକୁ ଦୁଇମୁଠା ଦୁଇ ପ୍ରାଣୀ ଖାଉଛନ୍ତି। ଫୁଲ ଏନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ତହସିଲ ପକ୍ଷରୁ ତାଙ୍କୁ ଜରିପାଲ ମିଳିଛି। ଏନେଇ ସ୍ଥାନୀୟ ସରପଞ୍ଚ ଅଜୟ କୁମାର ମଲିକ କହିଛନ୍ତି, ଫୁଲ ରଣାଙ୍କ ଏକ ପ୍ରଧାନମନ୍ତ୍ରୀ ଆବାସ ଆସିଥିଲା । ହେଲେ ସେ ରହୁଥିବା ଜାଗାର ପଟ୍ଟା ନାହିଁ କି କୌଣସି ସରକାରୀ କାଗଜପତ୍ର ନାହିଁ। ତେଣୁ ସେ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କ ନାମରେ କିଛି ଜାଗା କରି ଦିଅନ୍ତି ସେ ଆବାସ ଯୋଜନାରେ ଘର ପାଇ ପାରନ୍ତେ ବୋଲି ସେ କହିଛନ୍ତ।

# କଣ୍ଟିଲୋ ପଞ୍ଚାୟତରେ ହର ଘର ତ୍ରିରଙ୍ଗା ପାଇଁ ପ୍ରସ୍ତୁତି

ଖଣ୍ଡପଡ଼ା,୧୧।୮
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କ ପୌରୋହିତ୍ୟରେ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ଗ୍ରାମ ପଞ୍ଚାୟତ ପିଇଓ ସସ୍ମିତା ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଆସନ୍ତା ସ୍ୱାଧୀନତା ଦିବସ ପାଳନ ଅବସରରେ କଣ୍ଟିଲୋ ପଞ୍ଚାୟତର ସମସ୍ତ ଘରେ ଜାତୀୟ ପତାକା ଉଡାଇବା ସହ ୩ ଦିନ ଧରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କହିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସରପଞ୍ଚ ବେହେରା ସୂଚନା ଦେଇଥିଲେ । ଉକ୍ତ ଦିନ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ହାତରେ ତ୍ରିରଙ୍ଗା ଧରି ଏକ ରାଲିରେ ଗ୍ରାମ ପରିକ୍ରମା କରିବେ ବୋଲି ପ୍ରସ୍ତୁତି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ୧୩ ତାରିଖଠାରୁ ୧୫ ତାରିଖ ପର୍ଯ୍ୟନ୍ତ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ଚାଲୁ ରଖିବା ପାଇଁ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ସହଯୋଗ କରିବାକୁ ସରପଞ୍ଚ ବେହେରା ନିବେଦନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁ, ଶତ୍ରୁଘ୍ନ ବେହେରା, ଦେବରାଜ ସେଠୀ, ମାଧବ ଚନ୍ଦ୍ର ସାହୁ, ସୁରେଶ କୁମାର ଦଳେଇ ପ୍ରମୁଖ ଯୋଗଦେଇଥିଲେ ।

# ଅନୁପ୍ରବେଶ ରୋକିବା ପାଇଁ ଶୋଭାଯାତ୍ରା



ଅନୁପ୍ରବେଶ ରୋକିବା ପାଇଁ ଦଶପଲ୍ଲାରେ ବାହାରିଥିବା ଶୋଭାଯାତ୍ରା ।

ଦଶପଲ୍ଲା,୧୧।୮
(ପ୍ରକାଶ କୁମାର ପାଣି)

ବାଂଲାଦେଶ ଗଣହତ୍ୟାର ପ୍ରତିବାଦ ସହ ଦଶପଲ୍ଲାରେ ବେଆଇନ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ରବିବାର ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ସ୍ଥାନୀୟ ତ୍ରିନାଥ ବଜାର ନିକଟସ୍ଥ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିଠାରୁ ଏହି ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ମହାବୀର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ବାଂଲାଦେଶରେ ମରିଥିବା ହିନ୍ଦୁଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ସହ ଅମରଆତ୍ମାର ସଦ୍‌ଗତି କାମନା କରି ଶ୍ରୀ ରଘୁନାଥ ଏବଂ ମହାବୀରଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ଶୋଭାଯାତ୍ରା ଯାଉଥିବା ବେଳେ ଦଶପଲ୍ଲା ଥାନାରେ ସଦସ୍ୟମାନେ ଏକ ଦାବିପତ୍ର ଥାନା ଆଇଆଇସି ମୁକେଶ କୁମାର ବେହେରାଙ୍କୁ ପ୍ରଦାନ କରିଥିଲେ । ଏହି ଶୋଭାଯାତ୍ରାରେ ଦଶପଲ୍ଲାର ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ ।

# ବିଶ୍ୱବିଦ୍ୟାଳୟ, ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବିପତ୍ର

ଖଣ୍ଡପଡ଼ା,୧୧।୮(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲାରେ ଏକ ବିଶ୍ୱବିଦ୍ୟାଳୟ ଓ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ସମଗ୍ର ଜିଲାବାସୀ ଦୀର୍ଘ ବର୍ଷ ଧରି ଦାବି କରି ଆସୁଛନ୍ତି । ଏ ସମ୍ପର୍କିତ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଜିଲାବାସୀଙ୍କ ପକ୍ଷରୁ କ୍ରିୟାନୁଷ୍ଠାନ କମିଟିର ଆବାହକ ପ୍ରମୋଦ କୁମାର ପଟ୍ଟନାୟକ ଖଣ୍ଡପଡ଼ାଠାରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କୁ ରବିବାର ଭେଟି ଆଲୋଚନା କରିଛନ୍ତି । ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ଜିଲାରେ ବିଶ୍ୱବିଦ୍ୟାଳୟ ଓ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ଦାବିପତ୍ର ପ୍ରଦାନ କରାଯାଇଛି । ଉପରୋକ୍ତ ୨ଟି ଦାବି ପ୍ରତି ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ଦୃଷ୍ଟି ଦେବାକୁ ସମଗ୍ର ନୟାଗଡ଼ ଜିଲାବାସୀଙ୍କ ପକ୍ଷରୁ ଦାବି ହେଉଛି ।

# ଜ୍ଞାନବିଜ୍ଞାନ ମେଳା, ସଂସ୍କୃତି ମହୋତ୍ସବ-୨୦୨୪ ଉଦ୍‌ଯାପିତ


ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

ଶରଣକୁଳ,୧୧।୮(ଦୀପକ କର)

ରବିବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶରଣକୁଳ ପରିସରରେ ଜ୍ଞାନ ବିଜ୍ଞାନ ମେଳା ଓ ସଂସ୍କୃତି ମହୋତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ସଙ୍କୁଳ ଅଧୀନ ୯ଟି ବିଦ୍ୟାଳୟର ୩୪୦ ଶିଶୁ ଅଂଶଗ୍ରହଣ କରିଥିଲେ । ୧୫୦ ଗୁରୁମା ଗୁରୁଜୀ ଯୋଗ ଦେଇଥିଲେ। ଶିଶୁମାନଙ୍କ ଦ୍ୱାରା ବିଭିନ୍ନ ବିଜ୍ଞାନ ତଥା ଗଣିତ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ପୂର୍ବ ସନ୍ଧ୍ୟାରେ ସଂସ୍କୃତି ଆଧାରିତ ନାଟକ, ଲୋକନୃତ୍ୟ, ଦଣ୍ଡନାଚ, ଧୁଡୁକି ଇତ୍ୟାଦିର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ସଙ୍କୁଳ ପ୍ରମୁଖ ଦିଲୀପ କୁମାର ମିଶ୍ର ଯୋଗ ଦେଇଥିଲେ। ସେ ତାଙ୍କ ଉଦ୍‌ବୋଧନରେ ଶିଶୁ ଛାତ୍ରୀଛାତ୍ରଙ୍କୁ କହିଥିଲେ, ଏଭଳି ଜ୍ଞାନବିଜ୍ଞାନ ମେଳା ଆୟୋଜନ ହେବା ଦ୍ୱାରା ଶିଶୁମାନଙ୍କ ମନରେ କୁନି ବୈଜ୍ଞାନିକ ହେବାର ପ୍ରେରଣା ଯୋଗାଇ ଦେଉଛି। ପ୍ରଧାନ ଆଚାର୍ଯ୍ୟ ଆଶୀର୍ବଚନ ରଖିଥିଲେ ।

# ମହିଳା ମହାବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ସମ୍ମିଳନୀ

ଖଣ୍ଡପଡ଼ା,୧୧।୮(ଅଜୟ କୁମାର ମହାରଣା.)

ଖଣ୍ଡପଡ଼ା ମହିଳା କନିଷ୍ଠ ମହାବିଦ୍ୟାଳୟ ପରିସରରେ ଶନିବାର ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ୪୦ରୁ ଊର୍ଦ୍ଧ୍ୱ ଅଭିଭାବକ, ଅଧ୍ୟାପିକା, ଅଧ୍ୟାପକ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଉପରେ ଆଲୋଚନ କରିଥିଲେ । ଏଥିପାଇଁ ପିଲାମାନଙ୍କୁ ପାଠ ମନସ୍ଥ କରାଇବା ଓ ସେମାନଙ୍କ ଭିତରେ ଥିବା ପ୍ରତିଭା ବିକାଶ ପାଇଁ ପଦକ୍ଷେପ ନେବାକୁ ସ୍ଥିର ହୋଇଥିଲା । ଅଭିଭାବକ ଓ ଶିକ୍ଷକମାନଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ ସଂକଳ୍ପ ପୁସ୍ତିକାରେ ସ୍ଥାନିତ କରାଯାଇଛି । ଯୁକ୍ତ ୨ ଅଧକ୍ଷା ସ୍ମିତା ଶେଫାଳୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି ଓ ନିବେଦିତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ବିଶ୍ୱ ଭାରତୀ ମହାରଣା ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ଅଜିତ କୁମାର ବସନ୍ତରାୟଙ୍କ ସମେତ ବହୁ ଅଭିଭାବକ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । କଲେଜ ପରିସରରେ ସୁସ୍ଥ ବାତାବରଣ ଫେରାଇ ଆଣିବାକୁ ସମସ୍ତ ଛାତ୍ରୀଛାତ୍ର,ଶିକ୍ଷକ ଓ ଅଭିଭାବକମାନଙ୍କୁ ନିବେଦନ କରାଯାଇଥିଲା ।



ସମ୍ମିଳନୀରେ ଯୋଗ ଦେଇଥିବା ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ।

# ଖଳିସାହିରେ କାଉଡିଆ ସେବା କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୧୧।୮(ଅଜୟ କୁମାର ମହାରଣା)

୪ର୍ଥ ସୋମବାର ପାଇଁ କାଉଡିଆମାନେ ଜଳାଭାର ନେଇ କଣ୍ଟିଲୋରୁ ଖଳିସାହି ଖଣ୍ଡପଡ଼ା ଦେଇ ବିଭିନ୍ନ ଶୈବପୀଠକୁ ଯାତ୍ରା କରୁଛନ୍ତି । ଏହି ଅବସରରେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ଗ୍ରାମରେ କାଉଡ଼ିଆମାନଙ୍କ ସେବା କାର୍ଯ୍ୟକ୍ରମ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୨ ହଜାରରୁ ଊର୍ଦ୍ଧ୍ୱ କାଉଡିଆ ଯୋଗଦେଇଥିଲେ। ଖଳିସାହିର ଯୁବ ସଙ୍ଗଠକ ବାପିନା କୁମାର ସାହୁ, ଜିତେନ୍ଦ୍ର କୁମାର କାଟିଆ, ପରମେଶ୍ୱର ମହାନ୍ତି ବନ୍ଧୁମାନଙ୍କ ସହଯୋଗରେ ସମସ୍ତ କାଉଡିଆଙ୍କୁ ପ୍ରାଥମିକ ଚିକିତ୍ସା ସେବା, ଶୁଦ୍ଧ ପାନୀୟ ଜଳ, ସୁଷମ ଖାଦ୍ୟ ଯୋଗାଇ ଦିଆଯାଇଥିଲା । ସେହିପରି କାଉଡିଆମାନଙ୍କ ବିଶ୍ରାମ ପାଇଁ ଗୃହ ଓ ସ୍ନାନ ଆଦି କାର୍ଯ୍ୟ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଖଳିସାହି ଗ୍ରାମବାସୀ ସହଯୋଗ କରିଥିଲେ ।

# ଡ୍ରେନରେ ପାଣି ଯାଉନି, ରେଳ ଷ୍ଟେଶନ ଘର ପ୍ରତି ବିପଦ


ଷ୍ଟେଶନରେ ଜମି ଥିବା ପାଣି।

ଦଶପଲ୍ଲା,୧୧।୮(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଅଞ୍ଚଳରେ ଗତ କିଛିଦିନ ହେଲା ଲଗାଣ ବର୍ଷାରେ ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିଲା । ରେଳ ଷ୍ଟେଶନଠାରେ ନିର୍ମାଣ ହୋଇଥିବା ଅଫିସ ତଳେ ପାଣି ଜମା ହୋଇ ରହୁଥିବାରୁ ଷ୍ଟେଶନ ପ୍ରତି ବିପଦ ସୃଷ୍ଟି କରୁଛି । ଷ୍ଟେଶନ ଅଫିସ ତଳେ ପାଣି ଯିବା ପାଇଁ ଡ୍ରେନ ନିର୍ମାଣ ହୋଇଛି । ଡ୍ରେନରେ ପାଣି ଯାଉନାହିଁ,ଫଳରେ ଅଫିସ ତଳେ ଜମା ହୋଇ ରହୁଛି । ସେହି ପାଣି ଯୋଗୁ ବିପଦର ସମ୍ଭାବନା ଅଛି ବୋଲି କେତେଜଣ ସ୍ଥାନୀୟ ଲୋକେ କହିଛନ୍ତି ।

ଅପରପକ୍ଷେ ଷ୍ଟେଶନ ତଳେ ବାଇକ୍ ଷ୍ଟାଣ୍ଡ ରହିଥିବା ବେଳେ ପାଣି ଜମା ହେବାରୁ ବାଇକ ରଖିବା ପାଇଁ ଲୋକମାନେ ବହୁ ହଇରାଣ ହେଉଛନ୍ତି । ଜମି ରହୁଥିବା ପାଣିରେ ମଶାଙ୍କ ପ୍ରାର୍ଦୁଭାବ ବୃଦ୍ଧି ପାଇବାରେ ଲାଗିଛି । ପାଣି ଜମା ହୋଇ ସେଠାରେ ଏକ କୃତ୍ରିମ ହ୍ରଦ ସୃଷ୍ଟି କରିଛି । ଡ୍ରେନ ମୁଣ୍ଡରେ ମାଟି ପକାଯିବାରୁ ତାହା ବନ୍ଦ ହୋଇଯାଇଥିବାରୁ ପାଣି ନିଷ୍କାସନ ହୋଇ ପାରୁନାହିଁ । ଷ୍ଟେଶନ ଗୃହ ନିର୍ବାଣ ସଂସ୍ଥା ଏହା ପ୍ରତି ଦୃଷ୍ଟି ଦେଇ ପ୍ରତିକାର କରିବାକୁ ସାଧାରଣରେ ଦାବି ହୋଇଛି ।

# ରେଳ ଷ୍ଟେଶନ ସଫେଇ ଅଭିଯାନ

ନୟାଗଡ଼,୧୧।୮(ଲୋକନାଥ ମିଶ୍ର)


ଷ୍ଟେଶନ ପରିସରକୁ ସଫେଇ କରାଯାଉଛି।

ପରିବେଶକୁ ସ୍ୱଚ୍ଛ,ସୁନ୍ଦର ଓ ପରିଷ୍କାର ରଖିବା ଲକ୍ଷ୍ୟ ନେଇ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ରବିବାର ନୟାଗଡ଼ ଟାଉନ ରେଳ ଷ୍ଟେଶନ ଏବଂ ଏହାର ପରିସରକୁ ସଫେଇ କରାଯାଇଛି । ରେଳ ଷ୍ଟେଶନ ମଧ୍ୟରେ ପ୍ଲାଷ୍ଟିକ ପାଣି ବୋତଲ, ପାଉଚ, ଜରି, କାଗଜ ଟୁକୁରା ତଥା ବିଭିନ୍ନ ଆବର୍ଜନା ପରିଷ୍କାର କରାଯାଇଥିଲା । ସେହିପରି ଷ୍ଟେଶନ ପରିସର ଏବଂ ଏହାର ଆଖପାଖରେ ଉଠିଥିବା ଅନାବନା ଗଛ,ଘାସକୁ ମଧ୍ୟ ସଫେଇ କରାଯାଇଛି। ଷ୍ଟେଶନ ମଧ୍ୟରେ ଥିବା ପାଣି ଟ୍ୟାପ୍ ନିକଟରେ ନିଷ୍କାସିତ ହୋଇ ନ ପାରି ଜମା ହୋଇ ରହୁଥିବା ଆବର୍ଜନା ଜଳକୁ ନିଷ୍କାସିତ କରାଯାଇଛି। ନୟାଗଡ଼ ନାଗରିକ ମଞ୍ଚ ସଭାପତି ପ୍ରମୋଦ ପଟ୍ଟନାୟକ ଏବଂ ସମ୍ପାଦକ ଲକ୍ଷ୍ମୀଧର ସାହୁଙ୍କ ନେତୃତ୍ୱରେ ଏହି ସଫେଇ ଅଭିଯାନ କରାଯାଇଥିଲା । ଏଥିରେ ବରିଷ୍ଠ ନାଗରିକ ତଥା ସାମାଜିକ କର୍ମୀ ଦାମୋଦର ସାହୁ, ଦୁର୍ଯ୍ୟୋଧନ ସାହୁ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ବସନ୍ତ କୁମାର ମିଶ୍ର, ସୁରେନ୍ଦ୍ର କୁମାର ମହାପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ, ଲକ୍ଷ୍ମୀଧର ମହାପାତ୍ର, ପ୍ରଶାନ୍ତ କୁମାର ଦାଶ, ପ୍ରଦୀପ କୁମାର ସାହୁ, ପ୍ରଫୁଲ୍ଲ କୁମାର ନାୟକ, ପ୍ରଦ୍ୟୁମ୍ନ କୁମାର ନନ୍ଦ, ଅଶୋକ ମଲ, ଦେବେନ୍ଦ୍ର ପରମଗୁରୁ ପ୍ରମୁଖ ସାମିଲ ହୋଇଥିଲେ । ନୟାଗଡ଼ ମ୍ୟୁନିସିପାଲଟିର ସଫେଇ କର୍ମଚାରୀ ତଥା ରେଳ ବିଭାଗ ଷ୍ଟେଶନ ମ୍ୟାନେଜର ଏବଂ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ । ଏଣିକି ପ୍ରତି ମାସ ଦ୍ୱିତୀୟ ରବିବାରରେ ଏହିପରି ସଫେଇ ଅଭିଯାନ ଜାରି ରହିବ ବୋଲି ନାଗରିକ ମଞ୍ଚ ସଭାପତି ଘୋଷଣା କରିଛନ୍ତି।

# ନୟାଗଡ଼ରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ହେବ

ଓଡ଼ଗାଁ,୧୧।୮
(ଆଦର୍ଶ କୁମାର ପଟ୍ଟନାୟକ )


ଭାଜପା କୃଷକ ମୋର୍ଚ୍ଚା ସଭାପତି ଚାରା ରୋପଣ କରୁଛନ୍ତି।

ନୟାଗଡ଼ରେ କେବଳ ଚିନି ଶିଳ୍ପ ନୁହେଁ, କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ହେବ ବୋଲି ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ କହିଛନ୍ତି। ରବିବାର ସେ ନୟାଗଡ଼ ଜିଲାଗସ୍ତରେ ଆସି ଓଡ଼ଗାଁ ବ୍ଲକର ପଥରା ବୃଦ୍ଧାଶ୍ରମରେ ସେ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ନୟାଗଡ଼ ଚିନିକଳର ପୁନରୁଦ୍ଧାର ପାଇଁ ଭାଜପା ସରକାର କାର୍ଯ୍ୟ ଆରମ୍ଭ କରିବ। ହେଲେ ତା'ପୂର୍ବରୁ ଆଇନଗତ ସମସ୍ୟା ସମ୍ପର୍କରେ ବିଚାର କରିବା ପାଇଁ ସମୟ ଲାଗିବ। ନୟାଗଡ଼ରେ ଖଣିଜ ସମ୍ପଦ ନ ଥିଲେ ମଧ୍ୟ ତା'ର ପ୍ରକୃତି ଓ କୃଷିକ୍ଷେତ୍ର ଯୁବକମାନଙ୍କୁ ଆତ୍ମନିର୍ଭରଶୀଳ କରିପାରିବ। ଓଡ଼ିଶାରେ ଉତ୍ପାଦନ ଆରମ୍ଭ ହେଲେ ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଦୀର୍ଘବର୍ଷ ଧରି ବିଜେଡ଼ି ସରକାର ଶାସନ କରୁଥିଲା ବେଳେ ଆମ ରାଜ୍ୟର ଚାହିଦା ଅନୁସାରେ ଯଦି ଆଳୁ ଉତ୍ପାଦନ ହୋଇପାରିଥାନ୍ତା, ତେବେ ଆମକୁ ଏହି ଦିନ ଦେଖିବାକୁ ପଡି ନ ଥାନ୍ତା। ଅତ୍ୟାବଶ୍ୟକ ଭାବେ କୃଷିଜାତ ଦ୍ରବ୍ୟର ଉତ୍ପାଦନ, ସଂଗ୍ରହ ଏବଂ ଶୀତଳଭଣ୍ଡାରରେ ଗଚ୍ଛିତ ରଖିବା ପାଇଁ ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ଚଳିତ ବଜେଟ୍‌ରେ ଅର୍ଥ ବ୍ୟୟବରାଦ ହୋଇଛି। ଶାସନ ଏବେ ୨ ମାସ ହେଲା। ଆଗକୁ ଅନେକ କାର୍ଯ୍ୟ ବାକି ଅଛି। ଟିକେ ଧର୍ଯ୍ୟ ଧରନ୍ତୁ ଓ ଅପେକ୍ଷା କରନ୍ତୁ ବୋଲି ଉପସ୍ଥିତ କୃଷକମାନଙ୍କୁ କହିଥିଲେ। ଏହି ପରିପ୍ରେକ୍ଷୀରେ ମା'ର ପଣତକାନି ଯେଭଳି ତା' ଛୁଆମାନଙ୍କୁ ଅଭୟ ପ୍ରଦାନ କରିଥାଏ, ମା'ପରି ଗଛଟିଏ ମଧ୍ୟ ପ୍ରାଣୀ ସମାଜକୁ ସହାୟକ ହୋଇଥାଏ। ଏଥିପାଇଁ ଆମେ ଦାୟିତ୍ୱବାନ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସମ୍ପାଦକ ତଥା ନୟାଗଡ଼ ଜିଲା ପ୍ରଭାରି ପ୍ରଶାନ୍ତ ସ୍ୱାଇଁ, ରାଜ୍ୟ ସଂଯୋଜକ ଜଗନ୍ନାଥ ମହାପାତ୍ର, ସୁଦର୍ଶନ ବିଶ୍ୱାଳ, ସଭାପତି ନୟାଗଡ଼ ଜିଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀନିବାସ ପ୍ରଧାନ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ କନ୍ଧମାଳ ଜିଲା ପ୍ରଭାରୀ ବସନ୍ତ କୁମାର ପଟ୍ଟନାୟକ, ବରିଷ୍ଠ ଭାଜପା ନେତା ସନ୍ତୋଷ କୁମାର ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ କୃପାସିନ୍ଧୁ ଗୌଡ, କୁରାଳ ମଣ୍ଡଳ ଭାଜପା ମୁଖ୍ୟ ମାଧବ ଚନ୍ଦ୍ର ସାହୁ ଏବଂ ଓଡ଼ଗାଁ ମଣ୍ଡଳ ଗ୍ରାମୀଣ ମୁଖ୍ୟ ନୃସିଂହ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୃଦ୍ଧାଶ୍ରମର ପରିଚାଳକ ଅରୁଣ ଆଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିରଜା ମନ୍ଦିର: ଶ୍ରଦ୍ଧାଳୁ ଜୁଲମର ଶିକାର

ଯାଜପୁର ଟାଉନ,୧୧।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜା ମନ୍ଦିରର କେତେଜଣ ନିର୍ଦ୍ଦିଷ୍ଟ ସେବାୟତ ଶ୍ରଦ୍ଧାଳୁଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଜୁଲମ କରୁଛନ୍ତି। ଫଳରେ ଏବେ ଶ୍ରଦ୍ଧାଳୁ ଏଠାକୁ ଆସିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ୧୬ନଂ.ଜାତୀୟ ରାଜପଥର ଦୀର୍ଘ ୧୬କି.ମି. ଦୂରରେ ଥିବା ଦେଶର ଏହି ପ୍ରତିଷ୍ଠିତ ଶକ୍ତିପୀଠ ଏବଂ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ରକୁ ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁ ଗମନାଗମନର ଅସୁବିଧା ଯୋଗୁ ଆସିବାକୁ ଆଗ୍ରହ ରଖିନଥାନ୍ତି। ଏହାସତ୍ତ୍ୱେ ଉକ୍ତ ପ୍ରତିଷ୍ଠିତ ଦେବୀ ମନ୍ଦିର ଏବଂ ଏହାର ପରିସରରେ ଥିବା ପୁରାଣ ପ୍ରସିଦ୍ଧ ନାଭିଗୟାକୁ ରାଜ୍ୟ ଓ ରାଜ୍ୟ ବାହାରୁ ଶ୍ରଦ୍ଧାଳୁ ଛୁଟି ଆସିଥାନ୍ତି। ବିକାଶଶୀଳ ଯାଜପୁରର ଆଖ୍ୟା ଦିଆଯାଉଥିବା ଏହି ସହର ଏବଂ ମନ୍ଦିର ନିକଟରେ ଦୂରାଗତଙ୍କ ପାଇଁ ସ୍ନାନ, ଶୌଚ ଏବଂ ସାମୂହିକ ଅବସ୍ଥାନ ନିମନ୍ତେ କୌଣସି ବ୍ୟବସ୍ଥା କରାଯାଇନାହିଁ। ଦେବୀଙ୍କ ଦର୍ଶନ ଏବଂ ନାଭିଗୟାରେ ପିତୃ ପୁରୁଷଙ୍କୁ ପିଣ୍ଡଦାନ ପାଇଁ ଶ୍ରଦ୍ଧାଳୁ ପହଞ୍ଚୁ ପହଞ୍ଚୁ ସେମାନଙ୍କୁ ପାର୍କିଂ ନାମରେ ପ୍ରଥମେ ନିଲାମଧାରୀ ଜୁଲମ କରିଥାନ୍ତି। ଯାନବାହନ ପାର୍କିଂ ଏବଂ ଜୋତା ଷ୍ଟାଣ୍ଡପାଇଁ ମୂଲ୍ୟତାଲିକା ଆରମ୍ଭରୁ ଏଠାରେ ନ ଥିବାରୁ ଏହାର ସୁଯୋଗ ନେଇ ଲିଜ୍‌ଧାରୀ ଦୂରାଗତ ଯାତ୍ରୀଙ୍କୁ ଅଧିକ ଅର୍ଥ ଦାବି କରିଥାନ୍ତି। ଏହି ଅତ୍ୟଧିକ ଦେୟକୁ ପ୍ରତିବାଦ କରୁଥିବା ଶ୍ରଦ୍ଧାଳୁଙ୍କୁ ଜୁଲମ ଓ ଦୁର୍ବ୍ୟବହାରର ଶିକାର ହେବାକୁ ପଡ଼ିଥାଏ। ଏହାପରେ ଶ୍ରଦ୍ଧାଳୁ ମନ୍ଦିରକୁ ପ୍ରବେଶ କଲାପରେ ପୂଜାପାଠ ଏବଂ ଅନ୍ୟକାର୍ଯ୍ୟ ପାଇଁ ନିର୍ଦ୍ଦିଷ୍ଟ କିଛି ସେବାୟତ ଶ୍ରଦ୍ଧାଳୁଙ୍କୁ ମୋଟା ଅଙ୍କର ଦକ୍ଷିଣା ଦାବି କରୁଛନ୍ତି। ଆଉ ଯେଉଁ ଶ୍ରଦ୍ଧାଳୁ ସେମାନଙ୍କ ଦାବି ମୁତାବକ ଦକ୍ଷିଣା ପ୍ରଦାନ କରୁନାହାନ୍ତି ସେମାନଙ୍କୁ ଖୋଲାମେଲା ଭାବେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଉଛି।

୨ବର୍ଷ ପୂର୍ବରୁ ଭୁବନେଶ୍ୱରରୁ ଆସିଥିବା ପ୍ରତିଷ୍ଠିତ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଶାସକ ବୈଷ୍ଣବ ଚରଣ ମହାନ୍ତିଙ୍କୁ ପାର୍କିଂ ନିଲାମଧାରୀ ଜୁଲମ କରିବା ଘଟଣା ରାଜ୍ୟ ବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା। ସେହିପରି ବିଭିନ୍ନ ସମୟରେ ଶ୍ରଦ୍ଧାଳୁଙ୍କୁ ନିର୍ଦ୍ଦିଷ୍ଟ କେତେଜଣ ସେବାୟତ ଦୁର୍ବ୍ୟବହାର କରିବା ଘଟଣା ଚର୍ଚ୍ଚିତ ହୋଇ ପ୍ରଶାସନର ହସ୍ତକ୍ଷେପ କରାଯାଇଥିଲା। ତେବେ



କୌଣସି ସମୟରେ ପ୍ରଶାସନ ଶ୍ରଦ୍ଧାଳୁଙ୍କୁ ଜୁଲମ କରୁଥିବା ଅଭିଯୁକ୍ତମାନଙ୍କ ପ୍ରତି କଠୋର ମନୋଭାବ ଗ୍ରହଣ କରୁନାହିଁ। ଫଳରେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କେତେଜଣ କର୍ମୀଙ୍କ ସୁରକ୍ଷା କବଚ ମଧ୍ୟରେ ରହିଥିବା ଏହି ସବୁ ଜୁଲମକାରୀଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି।

ମନ୍ଦିର ପ୍ରଶାସକ ହୋଇଥିବା ଯାଜପୁର ଉପଜିଲାପାଳ ଯୋଗଦେବାର ପାଖାପାଖି ୬ମାସ ମଧ୍ୟରେ ମାତ୍ର ୩/୪ ଥର ମନ୍ଦିର ପରିଦର୍ଶନ କରିଛନ୍ତି। ନିୟମ ଦୃଷ୍ଟିରୁ ମନ୍ଦିର ପ୍ରଶାସକ ନିୟମିତ ଭାବେ ଅଥବା ମାସରେ ୨୦ଦିନ ମନ୍ଦିରକୁ ପରିଦର୍ଶନ କରି ଏଠାର ସମସ୍ତ ସମସ୍ୟାକୁ ସମାଧାନ ପାଇଁ ପ୍ରୟାସ କରିବା ସହ ସେବାୟତଙ୍କୁ ଉଚିତ୍ ମାର୍ଗପ୍ରଦର୍ଶନ କରିବା କଥା। କିନ୍ତୁ ଏସବୁ ହେଉ ନ ଥିବାରୁ ବିରଜାକ୍ଷେତ୍ର ନିର୍ଦ୍ଦିଷ୍ଟ କେତେକଙ୍କ ପାଇଁ ବଦନାମର ବୋଝ ମୁଣ୍ଡାଉଛି। ଗତ ଶୁକ୍ରବାର ଏହିଭଳି ଘଟଣାକୁ ନେଇ ସହରର କେତେଜଣ ବୁଦ୍ଧିଜୀବୀ ଟ୍ରଷ୍ଟି ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

କେବଳ ପାର୍କିଂ କି ଜୋତାଷ୍ଟାଣ୍ଡ ନିଲାମଧାରୀ ନୁହନ୍ତି ଅବା ସେବାୟତଙ୍କ କଥା ନୁହେଁ, ମନ୍ଦିର ପରିସରରେ ଥିବା ସରକାରୀ ନିୟନ୍ତ୍ରଣାଧୀନ ଭୋଗ ଦୋକାନ ଓ ଧୂପ ଦୀପ ଦୋକାନରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ଚଢ଼ା ମୂଲ୍ୟରେ ଜୋର ଜବରଦସ୍ତ ବିକ୍ରି କରାଯାଉଛି। ଯେହେତୁ ଶ୍ରଦ୍ଧାଳୁ ବାହାରୁ ଦେବୀଙ୍କ ଉଦ୍ଦେଶ୍ୟରେ ଭୋଗ ଓ ଧୂପଦୀପ ଆଣିପାରିବେ ନାହିଁ ବୋଲି ମନ୍ଦିର ପ୍ରଶାସନ କଟକଣା ଜାରି କରିଛି ଏହାର ସୁଯୋଗରେ ଭୋଗ ଦୋକାନୀ ଓ ଧୂପଦୀପ ଦୋକାନୀ ଶ୍ରଦ୍ଧାଳୁଙ୍କୁ ଖୋଲାମେଲା ଲୁଟୁଥିବା ଅଭିଯୋଗ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ଅନତିଦୂରରେ ଅବସ୍ଥିତ ଏହି ପ୍ରସିଦ୍ଧ ଦେବୀପୀଠରେ ଏ ପ୍ରକାରର ଅବ୍ୟବସ୍ଥା ଯୋଗୁ ଶ୍ରଦ୍ଧାଳୁମାନେ ସ୍ୱାଭାବିକ୍ ଭାବେ ଏଠାରୁ ମୁହଁ ଫେରାଉଛନ୍ତି। ଫଳରେ ପର୍ଯ୍ୟଟନ ବ୍ୟବସାୟ ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀ ପ୍ରଭାବିତ ହେଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ମନ୍ଦିର ଟ୍ରଷ୍ଟି ତଥା ଉପଜିଲାପାଳ ଅଂଶୁମାନ ଶତପଥୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ବର୍ଷା ପରେ ସାର ଦର ଦାଉସାଧିଲାଣି

- ଆବଶ୍ୟକ ୧୫ ମେଟ୍ରିକ୍ ଟନ୍, ମିଳିଛି ୭ ମେଟ୍ରିକ୍ ଟନ୍
- ବଜାରରୁ ଅତ୍ୟଧିକ ଦାମ୍‌ରେ ଚାଷୀ କିଣୁଛନ୍ତି
- ଚାଷ ଉପରେ ସାର ଯୋଗାଣ ପ୍ରଭାବ ପକାଇବ

କେନ୍ଦ୍ରାପଡ଼ା, ୧୧।୮ (ଜଗନ୍ନାଥ ଧଳ)

ଲଗାଣ ବର୍ଷା ପରେ କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ୭ ନଦୀ ଓ ୨୭ ଶାଖା ନାଳରେ ବନ୍ୟା ପାଣି ଆସିଛି। ଏହି ପାଣି ଉପାନ୍ତ ଅଞ୍ଚଳର ବନ୍ଧ ନ ଥିବା ପ୍ରାୟ ୫୫ଟି ରାଜସ୍ୱ ଗ୍ରାମରେ ଚାଷ ନଷ୍ଟ କରିଛି। ଜଳ ନିଷ୍କାସନ ସମସ୍ୟା ତ୍ରୁଟି ନ ଥିଲେ ମଧ୍ୟ ଚାଷୀମାନେ ଏବେ ଖରିଫ ଚାଷ ପାଇଁ ଅଣ୍ଟା ଭିଡିଛନ୍ତି। ତେବେ ଏଥିରେ ବଜାରର ସାର ଦର ଦାଉସାଧିଛି। ଚାଷୀ ତଳି ପକାଇ ରୋଇବାକୁ ଅପେକ୍ଷା କରିଥିବାବେଳେ ଜିଲାରେ ସାରର ଅଭାବୀ ବିକ୍ରି ହୋଇଛି। ବିଭିନ୍ନ କୃଷି ସେବା ସମବାୟ ସମିତିକୁ ପର୍ଯ୍ୟାପ୍ତ ପରିମାଣରେ ସାର ଯୋଗାଣ ହେଉ ନ ଥିବାରୁ ଚାଷୀ ବଜାରରୁ ଚଢ଼ା ଦରରେ କିଣିବାକୁ ବାଧ ହେଉଛନ୍ତି। ଏହା ଖରିଫ ଚାଷ ଉପରେ ପ୍ରଭାବ ପକାଇବ



ବୋଲି ଚାଷୀ ଓ କୃଷକନେତାମାନେ ମତ ଦେଇଛନ୍ତି।

କୃଷକନେତା ଗୟାଧର ଧଳ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ୧,୪୨,୧୬୫ ହେକ୍ଟର ଚାଷଜମିରୁ ଚଳିତବର୍ଷ ୧,୧୭,୫୫୪ ହେକ୍ଟର ଜମିରେ ଖରିଫ ଚାଷ ହେଉଛି। ଏଥିପାଇଁ କେବଳ ୟୁରିଆ ସାର ୯,୫୦୦ ମେଟ୍ରିକ୍ ଟନ୍ ଆବଶ୍ୟକ ଅଛି। କେନ୍ଦ୍ରାପଡ଼ା ବ୍ଲକରେ ୯୦୦ ମେଟ୍ରିକ୍ ଟନ୍ ୟୁରିଆ ଆବଶ୍ୟକ ଥିବା ବେଳେ ଡେରାବିଶ ବ୍ଲକ ଅଞ୍ଚଳ ପାଇଁ ୫୮୫ ମେଟ୍ରିକ୍ ଟନ୍ ଦରକାର। ସେହିପରି ମାର୍ଶାଘାଇ ବ୍ଲକ ଅଞ୍ଚଳରେ ୩୧୮, ମହାକାଳପଡ଼ାରେ ୧୨୭୦, ଗରଦପୁରରେ ୪୨୦, ପଟ୍ଟାମୁଣ୍ଡାଇରେ ୫୪୫, ଆଳିରେ ୩୧୧, ରାଜକନିକାରେ ୧୦୩୦ ଓ ରାଜନଗରରେ ୧୧୨୧ ମେଟ୍ରିକ୍ ଟନ୍ ୟୁରିଆ ସାରର ଆବଶ୍ୟକତା ଅଛି। ଏଥିସହ ଅନ୍ୟ ସାର ସହ ମୋଟ ୧୪,୪୦୦ ମେଟ୍ରିକ୍ ଟନ୍ ସାର ଆବଶ୍ୟକ। ତେବେ ଅଦ୍ୟାବଧି ଜିଲାର ୧୧୪ଟି ପ୍ରାଥମିକ କୃଷି ସେବା ସମବାୟ ଓ ୩୧୧ଟି ପଞ୍ଜୀକୃତ ରାସାୟନିକ ସାର ବିକ୍ରୟ କେନ୍ଦ୍ରରେ ସାର ପହଞ୍ଚି ନାହିଁ। ଫଳରେ ଚଳିତ ବର୍ଷର ଖରିଫ ଚାଷ ଉପରେ ଏହାର ପ୍ରଭାବ ପଡିବ। କୃଷକ ନେତା ଘନଶ୍ୟମ ବେହେରା କହିଛନ୍ତି, ସାରର ଅଭାବ ବଜାର ଦରକୁ ଅଧିକ ବଢ଼ାଉଛି। ରାଜ୍ୟ ଓ କେନ୍ଦ୍ର ସରକାର କୃଷିକୁ ଗୁରୁତ୍ୱ ଦେଉଛନ୍ତି। ତେବେ ଉପଯୁକ୍ତ ସମୟରେ ସାର, ବିହନ, କୀଟନାଶକ ଯୋଗାଇ ଦେଉ ନ ଥିବା ପ୍ରଶିକ୍ଷଣ କେବଳ କାଗଜପତ୍ରରେ ସୀମିତ ହୋଇଛି। ଚଳିତ ବର୍ଷ ଚାଷ ଆରମ୍ଭରୁ ସାରର ଅଭାବ କୃଷକଙ୍କ ମନୋବଳ ଭାଙ୍ଗି ଦେଇଛି। ବଗଡା ଗ୍ରାମର ଚାଷୀ ମୃତ୍ୟୁଞ୍ଜୟ ସାମଲ କହିଛନ୍ତି, ଚଳିତବର୍ଷ ୩ ଏକର ଖରିଫ ଧାନ ଚାଷ ପାଇଁ ପ୍ରସ୍ତୁତ ହୋଇଛି। ଏଥିପାଇଁ ଋଣ ଅର୍ଥରେ ବିହନ କିଣାଯାଇ ତଳି ପ୍ରସ୍ତୁତି ହୋଇଛି। ତେବେ ସାରର ଅଭାବ ଯୋଗୁ ତଳି ରୁଆ ଯାଇ ପାରୁନାହିଁ। ୟୁରିଆ ଦର ସାଧାରଣରେ ୨୭୦ ଟଙ୍କା ଥିବା ବେଳେ ବଜାରରେ ବସ୍ତା ପିଛା ୪୮୦ ଟଙ୍କାରେ ବିକ୍ରି ହେଉଥିବା ସେ କହୁଛନ୍ତି। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ କଲ୍ୟାଣ ରାୟ ପଚାରିବାରେ ସାର ପାଇଁ ଇଣ୍ଡେନ୍ ଯାଇଛି। ଅଦ୍ୟାବଧି ୭ ମେଟ୍ରିକ୍ ଟନ୍ ସାର ଜିଲାକୁ ଆସିଛି। ଆସନ୍ତା ସପ୍ତାହ ସୁଦ୍ଧା ସାରର ଅଭାବ ଦୂର ହେବ ବୋଲି ସେ ମତ ଦେଇଛନ୍ତି।

# ଗାଡ଼ି ଧକ୍କାରେ ଯୁବକ ମୃତ

ପାଣିକୋଇଲି, ୧୧।୮ (ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଥାନା ନିକଟରେ ଶନିବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ବସନ୍ତ ସ୍ୱାଇଁଙ୍କ ପୁଅ ଶଙ୍କର୍ଷଣ। ଶଙ୍କର୍ଷଣ ଅଳତିରି ଗ୍ରାମରେ ଘର ଭଡ଼ା ନେଇ ରହୁଥିଲେ। ପାଣିକୋଇଲି ଓଭରବ୍ରିଜ ତଳେ ଫଳ ବ୍ୟବସାୟ କରୁଥିଲେ। ରାତିରେ ପାଣିକୋଇଲି ଛକରୁ ଘରକୁ ଫେରୁଥିବା ସମୟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଖବରପାଇ ପୋଲିସ, ରାଜପଥ ପାଟ୍ରୋଲିଂ ପୋଲିସ ଓ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଦସ୍ୟମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ଶଙ୍କର୍ଷଣଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବବୁଲ



@ ବ୍ରହ୍ମାନନ୍ଦ



@ ରାକେଶ



@ ସୁମନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯାଜପୁର ଛାତ୍ରୀ ଅନନ୍ୟା ସିଂଙ୍କ ଇସ୍ରୋ ଗସ୍ତ

## ମହାକାଶ ବିଜ୍ଞାନ କ୍ଷେତ୍ରରେ ପ୍ରାଥମିକ ଅଭିଜ୍ଞତା ହାସଲ

ଯାଜପୁର,୧୧।୮ (ହର୍ଷବର୍ଦ୍ଧନ ବେହେରା)

ଯାଜପୁରର ଦଶମ ଶ୍ରେଣୀ ଛାତ୍ରୀ ଅନନ୍ୟା ସିଂ ସମ୍ମାନଜନକ ଟାଟା ଷ୍ଟିଲ ୟଙ୍ଗ୍ ଆଷ୍ଟ୍ରୋନୋମର ଟ୍ୟାଲେଣ୍ଟ ସର୍ଚ୍ଚ (ୟାଟ୍ସ) କାର୍ଯ୍ୟକ୍ରମ ୨୦୨୪ ବିଜେତାଙ୍କ ମଧ୍ୟରେ ସ୍ଥାନ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଯାଜପୁର ଜିଲା ଦାନଗଦିର ଅନିଲ କୁମାର ଏବଂ ଶର୍ମିଳା ଦେବୀଙ୍କ ଝିଅ ଅନନ୍ୟା ଦେବ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀ। ସେ ୟାଟ୍ସ ପ୍ରତିଯୋଗିତାରେ ଶ୍ରେଷ୍ଠ ୨୦ ବିଜେତାଙ୍କ ମଧ୍ୟରେ ମନୋନୀତ ହୋଇ ଜୁନ ୨୯ରୁ ଅହମଦାବାଦସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ), ମହାକାଶ ପ୍ରୟୋଗ କେନ୍ଦ୍ର ପରିଦର୍ଶନ କରିବାର ସୁଯୋଗ ଅର୍ଜନ କରିଛନ୍ତି। ଅନନ୍ୟାଙ୍କ ‘ଇସ୍ରୋ’ ଗସ୍ତ ମହାକାଶ ବିଜ୍ଞାନ ବିଷୟରେ ଅଧିକରୁ ଅଧିକ ଜାଣିବାର ସୁଯୋଗ ପ୍ରଦାନ କରିବା ସହିତ ସାଇନ୍ସ ଆପ୍ଲିକେଶନ ସେଣ୍ଟର (ଏସ୍‌ଏସି)ର ନିର୍ଦ୍ଦେଶକ ନୀଲେଶ ଏମ୍. ଦେଶାଇଙ୍କୁ ଭେଟିବାର ସୁଯୋଗ ପାଇଥିଲେ, ଯେଉଁଥିପାଇଁ ସେ ନିଜକୁ ଗର୍ବିତ ଅନୁଭବ କରୁଛନ୍ତି ଏବଂ ଏହି ଗସ୍ତ ମହାକାଶ ବିଜ୍ଞାନ ପ୍ରତି ତାଙ୍କର ଆଗ୍ରହକୁ ଆହୁରି ବଢାଇ ଦେଇଛି ବୋଲି ଅନନ୍ୟା କହିଛନ୍ତି। ଅନନ୍ୟାଙ୍କ ସମେତ ଏହି ୨୦ ଜଣିଆ ଗ୍ରୁପ୍ ଗୁଜରାଟ ସାଇନ୍ସ ସିଟିକୁ ମଧ୍ୟ ପରିଦର୍ଶନ କରିଥିଲା, ଯେଉଁଠାରେ ରୋବୋଟିକ୍ସ ଗ୍ୟାଲେରି ଏବଂ ଜଳୀୟ ଗ୍ୟାଲେରି ସହ ଜଳମଗ୍ନ ଦୁନିଆ ଦେଖିବାର ସୁଯୋଗ ମଧ୍ୟ ପାଇଥିଲେ। ୟାଟ୍ସର ୧୭ ତମ ସଂସ୍କରଣରେ ୮୦ ହଜାର ଛାତ୍ରୀଛାତ୍ର ଚନ୍ଦ୍ର ଆଧାର ମହାକାଶ ପାଇଁ ଭବିଷ୍ୟତ ଲଞ୍ଚପ୍ୟାଡ୍ ଶୀର୍ଷକରେ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ୨୦ ବିଜେତା ଅହମ୍ମଦାବାଦସ୍ଥିତ ଇସ୍ରୋ ବ୍ୟବସ୍ଥା ପରିଦର୍ଶନ କରି ମହାକାଶ ବିଜ୍ଞାନ କ୍ଷେତ୍ରରେ ପ୍ରାଥମିକ ଅଭିଜ୍ଞତା ହାସଲ କରିଥିଲେ। ୨୦୦୭ରେ ଏହାର ପ୍ରତିଷ୍ଠା ପରଠାରୁ ୟାଟ୍ସ ଜ୍ୟୋତିର୍ବିଜ୍ଞାନ ଏବଂ ମହାକାଶ ବିଜ୍ଞାନ ବିଷୟରେ ସଚେତନତା ସୃଷ୍ଟି କରିବାରେ ସହାୟକ ହୋଇଆସୁଛି। ଗତ ୧୭ ବର୍ଷ ମଧ୍ୟରେ ୟାଟ୍ସ ରାଜ୍ୟର ସାଢେ ୩ ଲକ୍ଷରୁ ଅଧିକ




ଯୁବ ବିଜ୍ଞାନପ୍ରେମୀଙ୍କୁ ଆକର୍ଷିତ କରିଛି ଏବଂ ୧୭ତମ ସଂସ୍କରଣର ଛାତ୍ରୀଛାତ୍ରଙ୍କ ସମେତ ୨୦୦ ଜଣ ଛାତ୍ରୀଛାତ୍ର ବର୍ତ୍ତମାନ ସୁଦ୍ଧା ଇସ୍ରୋର ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ କରିବାର ସୁଯୋଗ ପାଇଛନ୍ତି।

# ୧୧ ମାସ ପରେ ସ୍ପିଡ୍ ବୋଟ୍ ପାଟ୍ରୋଲିଂରେ ଗଲା

- ତାଳଚୁଆ ସାମୁଦ୍ରିକ ଥାନା
- ବୋଟ୍ ଲାଗି ମିଳୁ ନ ଥିଲା ତେଲ

ରାଜନଗର, ୧୧।୮ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ବାଂଲାଦେଶ ଅନୁପ୍ରବେଶକାରୀଙ୍କ ଆବାସସ୍ଥଳୀ ପାଲଟିଛି। ତେଣୁ ଉପକୂଳ ଅଞ୍ଚଳରେ ଅନୁପ୍ରବେଶ ଆଶଙ୍କା ରହିଛି। ଏଥିପାଇଁ ସାମୁଦ୍ରିକ ଥାନାକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ତାଳଚୁଆ ସାମୁଦ୍ରିକ ଥାନାରେ ସ୍ପିଡ୍ ବୋଟ୍ ଥିଲେ ମଧ୍ୟ ତେଲ ପାଇଁ ଟଙ୍କା ମିଳୁ ନ ଥିବାରୁ ୧୧ମାସ ହେଲା ଚାଲି ପାରି ନ ଥିଲା। ଏବେ ସେ ବୋଟ ଚାଲୁଛି। ତେଣୁ ସାମୁଦ୍ରିକ ଥାନା ପୋଲିସ କିପରି ଉପକୂଳକୁ ସୁରକ୍ଷା ଦେବ ତାହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ହାଇ ଆଲର୍ଟ ସୂଚନା ମିଳିବା ପରେ ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ସମସ୍ତ ମାଛଧରା ଜେଟି ସହିତ ଘାଟରେ ପୋଲିସ ମୁତୟନ କରାଯାଇଛି। ସମସ୍ତ ମତ୍ସ୍ୟଜୀବୀ, ବୋଟ୍, ଟ୍ରଲର ମାଲିକମାନଙ୍କୁ କୌଣସି ଅଜଣା ଲୋକଙ୍କୁ ଦେଖିଲେ ସଙ୍ଗେ ସଙ୍ଗେ ଖବର ଦେବାକୁ ପୋଲିସ ପକ୍ଷରୁ କୁହାଯାଇଛି।

ଜଳପଥରେ ଘଟୁଥିବା ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ସହିତ ବିରଳ ଅଲିଭରିଡ୍‌ଲେ କଇଁଛଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ପାଟ୍ରୋଲିଂ ନିମନ୍ତେ ୨୦୧୪ରେ ତାଳଚୁଆ ଫାଣ୍ଡି ତାଳଚୁଆ ସାମୁଦ୍ରିକ ଥାନା ହୋଇଥିଲା। ସ୍ଥଳ ପଥରେ ୭ଟି ପଞ୍ଚାୟତ ସହିତ ଜଳପଥରେ ୧୪ ନଟିକାଲ ମାଇଲ ଯାଏ ନଜର ରଖିବାକୁ



ସମୁଦ୍ରକୁ ପାଟ୍ରୋଲିଂ ପାଇଁ ବୋଟ୍‌ରେ ପୋଲିସ ଯାଉଛନ୍ତି।

ସାମୁଦ୍ରିକ ଥାନା ପ୍ରତିଷ୍ଠା ହୋଇଥିଲା। ତାଳଚୁଆ ସାମୁଦ୍ରିକ ଥାନାରେ ସ୍ପିଡ୍ ବୋଟ୍ ନ ଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଆଡିଶନାଲ ଡିଜି ରେଲୱେ ଆଣ୍ଡ କୋଷ୍ଟାଲ ସିକ୍ୟୁରିଟି ପାରାଦୀପ ମେରାଇନ ବେସ୍‌ରୁ ୧୨ ଟନ୍‌ର ଏକ ସ୍ପିଡ୍ ବୋଟ୍ ୨୦୨୧ ଏପ୍ରିଲ ପ୍ରଥମ ସପ୍ତାହରେ ତାଳଚୁଆ ସାମୁଦ୍ରିକ ଥାନାକୁ ଆସିଥିଲା। ବୋଟ୍ ସହ ୭ଜଣ କର୍ମଚାରୀ ଓ ଗୋଟିଏ ସେକ୍ସନ ସଶସ୍ତ୍ର ଫୋର୍ସ ମଧ୍ୟ ଆସିଥିଲେ। ମାତ୍ର ପରବର୍ତ୍ତୀ ଅବସ୍ଥାରେ ବର୍ଷେ ତଳେ ୨ଜଣ କର୍ମଚାରୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ବେଳେ ଏବେବି ଜଣେ ମାଷ୍ଟର, ୨ଜଣ ସେରାଙ୍ଗ, ୨ଜଣ ଇଞ୍ଜିନ ଡ୍ରାଇଭର ମୋଟ ୫ଜଣ କର୍ମଚାରୀ ଏହି ସ୍ପିଡ୍ ବୋଟ୍ ପାଇଁ ଅଛନ୍ତି। ବୋଟ୍ ଆସିବା ପରେ ମାସକୁ ୫ଶହ ଲିଟର ତେଲ ସରକାର ଯୋଗାଇ ଦେଉଥିଲେ। ଏହି ୫୫୦ ହର୍ସ ପାୱାର ବିଶିଷ୍ଟ ସ୍ପିଡ୍ ବୋଟ୍‌ଟି ଘଣ୍ଟାଏ ସମୁଦ୍ରରେ ପାଟ୍ରୋଲିଂ ପାଇଁ ୨୫ରୁ ୩୦ ଲିଟର ତେଲ ଖର୍ଚ୍ଚ ହୋଇଥାଏ। ୨୦୨୩ ଜୁନ୍‌ରେ ତେଲ ଆସିଥିଲା। ଜୁଲାଇ, ଅଗଷ୍ଟ ତେଲ ଆସି ନ ଥିବାବେଳେ ଅଗଷ୍ଟର ତେଲ ସେପ୍ଟେମ୍ବରରେ ମିଳିଥିଲା। ଏହା ପରଠାରୁ ବୋଟ ପାଇଁ ତେଲର ଆବଶ୍ୟକତା ଥିବା ନେଇ ରିକ୍ୱେସନ ଦିଆଯାଉଥିଲେ ମଧ୍ୟ ସ୍ପିଡ୍ ବୋଟ୍ ପାଇଁ ତେଲ ଯୋଗାଇ ଦିଆଯାଉନି। ତାଳଚୁଆ ସାମୁଦ୍ରିକ ଥାନାର ସ୍ପିଡ୍ ବୋଟ୍ ପାଇଁ ନିଯୁକ୍ତି ପାଇଥିବା ୫ଜଣ କର୍ମଚାରୀ ବସି ବସି ଦରମା ନେଉଥିଲେ।

କେନ୍ଦ୍ରାପଡ଼ା ଜିଲାର ଉପକୂଳ ଅଞ୍ଚଳ ଏବେ ବଙ୍ଗୀୟ ଭାଷାଭାଷୀଙ୍କ ଭୂସ୍ୱର୍ଗ ପାଲଟିଛି। ଜିଲାର ତାଳଚୁଆ, କେରୁଆଁପାଳ, ରଙ୍ଗଣୀ, ଜୁଗୁସନଗର, କୃଷ୍ଣନଗର, ବେଣାକନ୍ଦା, ରାମନଗର, ଜମ୍ବୁ, ଗୁପ୍ତି, ଖରନାସୀ, ବଡିଘର, ପିତାପାଟ, ଅହିରାଜପୁର, ବୀରଭଞ୍ଜପୁର, ଭଞ୍ଜପ୍ରସାଦ, ଦେବେନ୍ଦ୍ରନାରାୟଣପୁର, କୃଷ୍ଣପ୍ରିୟାପୁର, ସୁନ୍ଦୁରିପାଳ, ତନ୍ତିଆପାଳ, ଶାସନପେଟା ଆଦି ଅଞ୍ଚଳରେ ପ୍ରାୟ ୯୦ ପ୍ରତିଶତ ବଙ୍ଗୀୟ ଭାଷାଭାଷୀ ବାସ କରୁଥିବାବେଳେ ଓଡ଼ିଆଙ୍କ ସଂଖ୍ୟା ନଗଣ୍ୟ। ଏମାନଙ୍କ ମଧ୍ୟରୁ କିଏ ବାଂଲାଦେଶର, କିଏ ପଶ୍ଚିମବଙ୍ଗରୁ ଆସିଛନ୍ତି ତାହା ଜାଣିବା କଷ୍ଟସାଧ୍ୟ। ମାତ୍ର ଏବେବି ଏ ଅଞ୍ଚଳକୁ ଅନୁପ୍ରବେଶ ଜାରି ରହିଛି। ୨୦୦୫ରେ କେନ୍ଦ୍ର ସରକାରଙ୍କ ତାଗିଦା ପରେ କରାଯାଇଥିବା ସର୍ଭେରେ ମହାକାଳପଡ଼ାରେ ୧୫୫୧, ପଟ୍ଟାମୁଣ୍ଡାଇରେ ୯୬ ଓ ରାଜନଗରରେ ମାତ୍ର ୩୦ଜଣ ଅନୁପ୍ରବେଶକାରୀଙ୍କ ତାଲିକା କରାଯାଇଥିଲା। ସର୍ଭେର ୧୮ବର୍ଷ ପରେ ବି ଏମାନଙ୍କ ସଂଖ୍ୟା ସରକାରୀ ଖାତାରେ ସେତିକିରେ ସୀମିତ ରହିଛି। ମାତ୍ର ଅନୁପ୍ରବେଶକାରୀଙ୍କ ସଂଖ୍ୟା ପ୍ରକୃତପକ୍ଷେ ୧ ଲକ୍ଷରୁ ଅଧିକ ହେବ। ସରକାର ଓ ପ୍ରଶାସନ ଅନୁପ୍ରବେଶକାରୀ ପ୍ରସଙ୍ଗ ପ୍ରତି ଆଖି ବୁଜି ଦେଇଥିବା ଅଭିଯୋଗ ହୋଇ ଆସୁଛି। ଏ ସମ୍ପର୍କରେ ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସସ୍ମିତା ସାହୁଙ୍କୁ ପଚାରିବାରେ, ସ୍ପିଡ୍ ବୋଟ୍ ପାଇଁ ଥିବା ତେଲ ସମସ୍ୟା ଦିନେ କି ଦୁଇଦିନ ମଧ୍ୟରେ ସମାଧାନ ହୋଇଯିବ। ଆମ ସାମୁଦ୍ରିକ ଥାନା ଅଞ୍ଚଳରେ ୨୪ ଘଣ୍ଟା ପଇଁତରା କରାଯାଉଛି। ଥାନାରେ ଏବେ ୧୬ ଜଣ ପୋଲିସ ଷ୍ଟାଫ ସହ ୨ ସେକ୍ସନ ଫୋର୍ସ ମୁତୟନ କରାଯାଇ ଅନୁପ୍ରବେଶ ପ୍ରତି ସତର୍କ ନଜର ରଖାଯାଉଛି ବୋଲି ସେ କହିଛନ୍ତି।

# ବିଲୁପ୍ତିର ଦ୍ୱାରଦେଶରେ ଭାଗବତ ମୁଣ୍ଡିଆ ପାହାଡ଼

ଖଣ୍ଡପଡ଼ା,୧୧।୮(ଅଜୟ କୁମାର ମହାରଣା)


ଭାଗବତ ମୁଣ୍ଡିଆ ପାହାଡ଼।

■ ଚୋରା ପଥର ଚାଲାଣ ଯୋଗୁ ଧ୍ୱଂସ ହେବାକୁ ବସିଛି
■ ଜିଲା ପ୍ରଶାସନ ଅବଗତ ଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ

ବିଲୁପ୍ତିର ଦ୍ୱାରଦେଶରେ ପହଞ୍ଚିଥିବା ଭାଗବତ ମୁଣ୍ଡିଆର ସୁରକ୍ଷା ଦିଗରେ ପ୍ରଶାସନ ଦୃଷ୍ଟି ଦେଉନାହିଁ। ଏ ସଂକ୍ରାନ୍ତରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବି, ବିଶିଷ୍ଟ ପରିବେଶବିତ୍ ତଥା ଗଛସାର ଭାବେ ପରିଚିତ ଅନ୍ତର୍ଯ୍ୟାମୀ ସାହୁ ନୟାଗଡ଼ ଜିଲା ପ୍ରଶାସନକୁ ବାରମ୍ବାର ଲିଖିତ ଭାବେ ଅବଗତ କରିଥିଲେ । ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେହି ପାହାଡ଼କୁ ନିଲାମ ଦିଆଯାଇ ନ ଥିଲା । ପୂର୍ବରୁ ପଥର ଚୋରା ଚାଲାଣ କରାଯାଇ ପାହାଡ଼କୁ ଧ୍ୱଂସ କରିଦିଆଯାଇଥିଲା । ପରବର୍ତ୍ତୀ ସମୟରେ ପାହାଡ଼ରୁ ବେନିୟମ ଭାବେ ମୋରମ ଚାଲାଣ ଯୋଗୁ ତାହା ଦୟନୀୟ ହୋଇପଡିଛି ବୋଲି ଅଭିଯୋଗ ହୋଇଛି।

ପରିବେଶ ସୁରକ୍ଷା ପାଇଁ ଜଙ୍ଗଲ, ପାହାଡ଼ର ସୁରକ୍ଷା ଜରୁରୀ ଅଟେ । ମାତ୍ର ଆଜିର ମଣିଷ ସମାଜ ନିଜ ଆବଶ୍ୟକତା ପୁରଣ ନିମନ୍ତେ ସବୁବେଳେ ପାହାଡ, ଜଙ୍ଗଲକୁ ଲୁଟ୍ କରିବାରେ ଲାଗି ପଡିଛନ୍ତି । ରାଜସ୍ୱ ବୃଦ୍ଧି ନିମନ୍ତେ ତହସିଲ ପକ୍ଷରୁ ନିଲାମ ଦିଆଯାଉଥିବା ପାହାଡ଼ ଜଙ୍ଗଲକୁ ମଣିଷ ପଦା କରିବାକୁ ବସିଲାଣି । ଅନେକ ପଥର ବ୍ୟବସାୟୀ ପଥରକ୍ୱାରୀ ନିଲାମ ନେଇ ମଧ୍ୟ ବିଭିନ୍ନ ନୀତି ନିୟମକୁ ଉଂଲଘନ କରି ଜଙ୍ଗଲ ପାହାଡ଼ରୁ ଚୋରାରେ ପଥର ଲୁଟୁଥିବା ଅଭିଯୋଗ ହେଉଛି। ଏଥିଯୋଗୁ ପୁରାତନ ଯୁଗର କୀର୍ତ୍ତିବହନ କରୁଥିବା ଅନେକ ପାହାଡ଼ ଧ୍ୱଂସ ହେବାକୁ ବସିଛି । ସେଥିମଧ୍ୟରୁ ନୟାଗଡ଼ ଜିଲା କଣ୍ଟିଲୋ ଗ୍ରାମ ନିକଟ ଐତିହ୍ୟ ସମ୍ପନ୍ନ ଭାଗବତ ମୁଣ୍ଡିଆ ପାହାଡ଼ ଅନ୍ୟତମ ବୋଲି ସୂଚନା ମିଳିଛି ।

କଣ୍ଟିଲୋ ନୀଳମାଧବଜୀଉ ପର୍ଯ୍ୟଟନ କ୍ଷେତ୍ର ନିକଟସ୍ଥ ଭାଗବତ ମୁଣ୍ଡିଆ ଏକ ଆଧ୍ୟାତ୍ମିକ, ସାଂସ୍କୃତିକ ତଥା ସାମାଜିକ ସଦ୍‌ଭାବନାସ୍ଥଳୀ ଅଟେ । ଭାଗବତ ମୁଣ୍ଡିଆର ଶୀର୍ଷଦେଶରେ ଏକ ପଥରଗୁମ୍ଫାରେ ଭାଗବତ ଠାକୁର ଦୀର୍ଘବର୍ଷରୁ ପୂଜା ପାଇ ଆସୁଛନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ପାହାଡ଼ଟି ଅଞ୍ଚଳବାସୀ ତଥା ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ । ପ୍ରତିବର୍ଷ ଭାଦ୍ରବ ମାସ ପୂର୍ଣ୍ଣମୀ ତିଥି ଭାଗବତ ଜନ୍ମ ଦିବସରେ ପାହାଡ଼ ଶୀର୍ଷରେ ଥିବା ଠାକୁରଙ୍କ ନିକଟରେ ମହିଳା ପୁରୁଷ ଭକ୍ତମାନେ ଏକାଠି ହୋଇ ପୂଜାର୍ଚ୍ଚନା ସହ ଭାଗବତ ପଠନ କରିଥାଆନ୍ତି । ସେହିପରି ରଜ ପର୍ବ ସମୟରେ କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳର ଝିଅପୁଅମାନେ ଘରୁ ମୁଢି, ମୁଆଁ, ଉଖୁଡା, ପିଠା ଆଦି ଧରି ଭାଗବତ ମୁଣ୍ଡିଆ ପାହାଡ଼ ନିକଟରେ ଥିବା ଆମ୍ବ ତୋଟାରେ ଏକାଠି ହୋଇଥାଆନ୍ତି । ସେଠାରେ ଗଛ ଡାଳରେ ରଜ ଦୋଳି ଖେଳ, ରଜଗୀତ ଗାଇ ମଜା ଉଠାଇଥାଆନ୍ତି । ଖେଳ ନାଚକୁଦ ପରେ ଘରୁ ନେଇଥିବା ପିଠାପଣା ପରସ୍ପର ମଧ୍ୟରେ ଦିଆନିଆ କରି ଭାଇଚାରା ସୃଷ୍ଟି କରନ୍ତି । ଏହାଦ୍ୱାରା ସାମାଜିକ ସଦ୍‌ଭାବ ଗଢି ଉଠିଥାଏ । ସେହିପରି ବର୍ଷା ଋତୁରେ ବର୍ଷାର ଅଭାବ ଯୋଗୁ ମରୁଡ଼ି ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ଏହି ଭାଗବତ ମୁଣ୍ଡିଆରେ ଗିରି ଗୋବର୍ଦ୍ଧନ ଓ ଇନ୍ଦ୍ର ପୂଜା କରାଯାଇଥାଏ । ଫଳରେ ପରିବେଶ ସୁରକ୍ଷା ସହିତ ସାମାଜିକ କ୍ଷେତ୍ରରେ ଭାଗବତ ମୁଣ୍ଡିଆର ସ୍ଥିତି ଗୁରୁତ୍ୱ ବହନ କରିଥାଏ । ଏହାଛଡା ଏହି ପାହାଡ଼କୁ ଲାଗି 'ସେରେଣ୍ଡା'ନାମକ ଏକ ବିରାଟ ପଥର ରହିଛି । ଏହି ପଥରରେ ଥିବା ଏକ ଖାଲରେ ବର୍ଷା ଦିନେ ଜମା ହୋଇ ରହୁଥିବା ପାଣିକୁ ଜଙ୍ଗଲର ଜୀବଜନ୍ତୁ ସହିତ ଅନେକ ସମୟରେ ମଣିଷ ପାନ କରି ତୃଷ୍ଣା ମେଣ୍ଟାଇଥାଆନ୍ତି । ମାତ୍ର ପରିତାପର ବିଷୟ ସେହି ପାହାଡ଼ରୁ ପଥର ଚାଲାଣ କରିବା ସହିତ ଜାଳକାଠ ପାଇଁ ପାହାଡ଼ରେ ଥିବା ଗଛକୁ ଲୋକେ କାଟି ନେଉଛନ୍ତି । ଫଳରେ ଜଙ୍ଗଲର ଦ୍ରୁତ ଅବକ୍ଷୟ ସାଙ୍ଗକୁ ଧୀରେ ଧୀରେ ପାହାଡ଼ରୁ ପଥର, ମୋରମ କମିବାରେ ଲାଗିଛି । ଚୋରା ପଥର ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ଉକ୍ତ ମୁଣ୍ଡିଆ ଉପରେ ପଡିବା ପରେ ସମୟାନୁକ୍ରମେ ଏହା ଶ୍ରୀହୀନ ହୋଇଛି। ସଂପ୍ରତି ଉକ୍ତ ପାହାଡ଼ରେ କେତେକାଂଶରେ ବନୀକରଣ କରାଯାଇଥିବା ବେଳେ ବନ ବିଭାଗ ପକ୍ଷରୁ ଅଧିକରୁ ଅଧିକ ଚାରା ରୋପଣ କରାଯାଇ ଏହାର ପୂର୍ବ ସ୍ଥିତି ଫେରାଇ ଆଣିବା ପାଇଁ ସାଧାରଣରେ ଦାବି ହେଉଛି ।

## ବାଇକ୍ ସହ କୁଟୁରା ମାଂସ ଜବତ, ଯୁବକ ଗିରଫ

ଖଣ୍ଡପଡ଼ା,୧୧।୮(ଅଜୟ କୁମାର ମହାରଣା)

ଖଣ୍ଡପଡା ବନାଞ୍ଚଳ ଅଧୀନ ଶିଖରପୁର ସଂରକ୍ଷିତ ଜଙ୍ଗଲରୁ ଜଣେ ଯୁବକ ଏକ କୁଟୁରା ଶିକାର କରି ମାଂସ ଧରି ବାଇକ୍‌ରେ ଫେରୁଥିଲେ । ଖଳିସାହି ଦଣ୍ଡପୋଖରୀ ରାସ୍ତାରେ ବନ ବିଭାଗ କର୍ମଚାରୀମାନେ ତାଙ୍କୁ ଅଟକାଇ ତନଖି କରିଥିଲେ । ତାଙ୍କ ବ୍ୟାଗରେ ମାଂସ ଥିବା ଦେଖିବାକୁ ପାଇଥିଲେ । ବନ ବିଭାଗ କର୍ମଚାରୀମାନେ ୪ କେଜି ମାଂସ ଜବତ କରିବା ସହ ସେ ବ୍ୟବହାର କରୁଥିବା ବାଇକ୍‌କୁ ଜବତ କରାଯାଇଛି । ଗିରଫ ଯୁବକ ଜଣକ ହେଲେ ଗଡିଆସାହି ପଞ୍ଚାୟତ ଅଧୀନ ସାଧୁଆପଲ୍ଲୀ ଗ୍ରାମର ଗୋବିନ୍ଦ ପ୍ରଧାନ ବୋଲି ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନଙ୍କ ଠାରୁ ପ୍ରକାଶ । ଏ ସମ୍ପର୍କରେ ଏକ ମାମଲା ରୁଜୁ ହୋଇଛି । ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ । ଅଭିଯୁକ୍ତଙ୍କ ଠାରୁ ଜବତ ମାଂସକୁ କର୍ମଚାରୀମାନେ ମାଟି ତଳେ ପୋତି ଦେଇଛନ୍ତି । ମାଂସର କିଛି ଅଂଶ ଭୁବନେଶ୍ୱରସ୍ଥିତ ପରୀକ୍ଷାଗାରକୁ ପଠାଯିବ ବୋଲି ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସୁତ୍ରରୁ ଜଣାପଡିଛି ।

## ୧୬ରେ ଲୋୟର ପିଏମ୍‌ଜିରେ ମହାସମାବେଶ



ଜିଲାସ୍ତରୀୟ ସାଧାରଣ ସଭାରେ ଯୋଗଦେଇଥିବା ସମନ୍ୱୟ ସମିତିର କର୍ମକର୍ତ୍ତା।

## ଜିଲାସ୍ତରୀୟ ସାଧାରଣ ସଭାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା

ନୟାଗଡ଼,୧୧।୮(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଜିଲାସ୍ତରୀୟ ସାଧାରଣ ସଭା ରବିବାର ନୟାଗଡ଼ ବ୍ରଜେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ନିଳାଦ୍ରୀ ବିହାରି ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ,ଜିଲା ଓଷ୍ଟାର ସଭାପତି ଅଯୋଧ୍ୟା ନାଥ ନାୟକ, ରାଜ୍ୟ ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିନାୟକ ପରିଡ଼ା ,ଜିଲା ଓଷ୍ଟାର ସମ୍ପାଦକ ତଥା ଆବାହକ ପରମାନନ୍ଦ ଦଳାଇ , ଅଲୋଷ୍ଟା ରାଜ୍ୟ କୋଷାଧ୍ୟକ୍ଷ ଯୁଧିଷ୍ଠିର ପ୍ରଧାନ, ଅଲୋଷ୍ଟା ରାଜ୍ୟ ଯୁଗ୍ମ ସମ୍ପାଦକ କବିରାଜ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ । ସଭାରେ ଜିଲା ଆବାହକ ପରମାନନ୍ଦ ଦଳାଇ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ରାଜ୍ୟ ଓଷ୍ଟାର ନିର୍ଦ୍ଦେଶ କ୍ରମେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ଓ ଦାବି ଯଥା ଅଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷାକର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ନୂତନ ପେନସନ ବ୍ୟବସ୍ଥା ଉଚ୍ଛେଦ କରି ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା, ଅବସର ବୟସସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା ଇତ୍ୟାଦିକୁ ନେଇ ଅଗଷ୍ଟ ୧୬ ତାରିଖ ଦାବି ଦିବସ ଅବସରରେ ଭୁବନେଶର ଲୋୟର ପିଏମ୍‌ଜିରେ ମହାସମାବେଶ ଅନୁଷ୍ଠିତ ହେବ ବୋଲି ଅବଗତ କରାଇଥିଲେ । ସମାବେଶରେ ଜିଲାର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୧ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ କର୍ମଚାରୀ ଯୋଗ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ସମ୍ମିଳନୀରେ ବ୍ଲକ ସମ୍ପାଦକ ବିଜୟ କୁମାର ପରିଡ଼ା, ଅକ୍ରୁର ପରିଡ଼ା, ଅଭିମନ୍ୟୁ ମହାନ୍ତି, ପ୍ରଭାକର ମିଶ୍ର, ପ୍ରଶାନ୍ତ କୁମାର ପ୍ରଧାନ,ଜିଲା ଉପ ସଭାନେତ୍ରୀ ମିନତୀ ତ୍ରିପାଠୀ, ଜିଲା କାର୍ଯ୍ୟକାରିଣୀ କମିଟି ସଦସ୍ୟ ଦିବାକର ପାଇକରାୟ, ବ୍ଲକ ଯୁଗ୍ମ ସମ୍ପାଦକ ମାନସ କୁମାର ସାହୁ ଓ ଜିଲାର ସମସ୍ତ ଉଚ୍ଚ ବିଦ୍ୟାଳୟ, ନିମ୍ନ ମାଧ୍ୟମିକ ବିଦ୍ୟାଳୟ,୬୬୨ ବର୍ଗ କଲେଜ, ମଦ୍ରସା, ସଂସ୍କୃତ ଟୋଲରୁ ଆସିଥିବା ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ଓ ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦ ଭାଗ ନେଇ ଉକ୍ତ ଦାବି ଦିବସକୁ ସଫଳ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଶେଷରେ ଓଡ଼ଗାଁ ବ୍ଲକ ଓଷ୍ଟାର ସଦସ୍ୟ ଦେବରାଜ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭେଣ୍ଡିଂ ଜୋନ ପରିସରରୁ ବିଦ୍ୟୁତ୍ ଖୁଣ୍ଟ ହଟାଇବାକୁ ଦାବି



ଖଣ୍ଡପଡ଼ା,୧୧।୮(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଉପକଣ୍ଠରେ ଥିବା ସୁନାମୁହିଁ ପର୍ଯ୍ୟଟନସ୍ଥଳୀ ସମ୍ମୁଖରେ ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଆମ୍ବକୃତି ଭେଣ୍ଡିଂ ଜୋନ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାର ଲକ୍ଷ୍ୟ ନେଇ ଭେଣ୍ଡିଂ ଜୋନ ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ ଭେଣ୍ଡିଂ ଜୋନ ପରିସରରେ ଥିବା ବିଦ୍ୟୁତ ଖୁଣ୍ଟକୁ ଅଦ୍ୟାବଧି ହଟାଯାଇନାହିଁ । ଉଚ୍ଚ ଶକ୍ତିସମ୍ପନ୍ନ ୧୧ କେଭି ବିଦ୍ୟୁତ ଖୁଣ୍ଟଟି ଭେଣ୍ଡିଂଜୋନ ପରିସରରେ ରହିଲେ ଭବିଷ୍ୟତରେ ଏହା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ପ୍ରକାଶ ପାଇଛି । ତେଣୁ ଭେଣ୍ଡିଂ ଜୋନ ପରିସରରୁ ବିଦ୍ୟୁତ୍ ଖୁଣ୍ଟକୁ ହଟାଇବା ପାଇଁ ବିଦ୍ୟୁତ୍ ବିତରଣ କମ୍ପାନୀ(ଟିପିସିଓଡିଏଲ) ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି । ଏ ସଂକ୍ରାନ୍ତରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳଙ୍କୁ ପଚାରିବାରେ ସେଠାରୁ ବିଦ୍ୟୁତ ଖୁଣ୍ଟଟିକୁ ଅନ୍ୟତ୍ର ଉଠାଇ ଦେବା ନିମନ୍ତେ ଟିପିସିଓଡିଏଲ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ସେଥିପାଇଁ ଅନୁମତି ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ରାକେଶ


@ ସୁମନ


@ ବ୍ରହ୍ମାନନ୍ଦ


@ ବବୁଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅସହାୟ କେନ୍ଦ୍ର ପରିସରରେ ଚାରା ରୋପଣ

ନୟାଗଡ଼,୧୧।୮(ଲୋକନାଥ ମିଶ୍ର)

ପରିବେଶ ସୁରକ୍ଷା ଓ ଚାରା ରୋପଣର ଆବଶ୍ୟକତାକୁ ଉପଲବ୍ଧିକରି ନୟାଗଡ଼ର ମା' ଫାଉଣ୍ଡେଶନର ମୁଖ୍ୟ ରଞ୍ଜନ ରଶ୍ମୀ ଜେନାଙ୍କ ଜନ୍ମଦିନରେ ଅନୁଷ୍ଠାନର ସହସମ୍ପାଦକ ବିଜୟନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଯଦୁମଣି ନଗରସ୍ଥ ବାସହୀନ ଅସହାୟ (ସହରାଞ୍ଚଳ )କେନ୍ଦ୍ର ପରିସରରେ ୫ ବଉଳ ଚାରା ରୋପଣ କରାଯାଇଛି । କାର୍ଯ୍ୟକ୍ରମରେ ଜିତେନ୍ଦ୍ର ଚୌଧୁରୀ, ସ୍ମୃତି ରଞ୍ଜନ ମାନସିଂ , ସତ୍ୟବ୍ରତ ଲେଙ୍କା,ସଞ୍ଜୟ ପରିଡ଼ା, ଦିବ୍ୟରଞ୍ଜନ ପଣ୍ଡା, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସାଗର ବିଶ୍ୱାଳ ଓ ମହେଶ୍ୱର ବାଇ ଉପସ୍ଥିତ ଥିଲେ। ଚାରା ଗୁଡ଼ିକର ରକ୍ଷଣବେକ୍ଷଣ ପାଇଁ ଅନୁଷ୍ଠାନ ସଦସ୍ୟମାନେ ନିଜସ୍ୱ ପାଣ୍ଠି ସଂଗ୍ରହ କରି ବାଉଁଶ ଅଟେଇର ବ୍ୟବସ୍ଥା କରିଛନ୍ତି ।

## ଫାର୍ମାସିଷ୍ଟଙ୍କ ଦ୍ୱାରା ପରିଚାଳିତ ବନମାଳୀପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

■ ସପ୍ତାହରେ ୩ଦିନ ଆସୁଛନ୍ତି ଡାକ୍ତର
■ ଅନ୍ୟଦିନ ରୋଗୀଙ୍କୁ ସେବା ମିଳୁନି

ଖଣ୍ଡପଡ଼ା,୧୧।୮(ଅଜୟ କୁମାର ମହାରଣା)




ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳୀପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ୧୯୯୬ରେ ପ୍ରତିଷ୍ଠା ହୋଇଥିଲା । ଏବେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରୁଛି । ଆଖପାଖ ଅଞ୍ଚଳର ଗ୍ରାମବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର ମହତ ଲକ୍ଷ୍ୟ ନେଇ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ପ୍ରତିଷ୍ଠା ହୋଇଥିଲା । ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ସୁବିଧା ଉପଲବ୍ଧ ହେଉଥିଲେ ହେଁ ଡାକ୍ତରଙ୍କ ଅଭାବ ପରିଲକ୍ଷିତ ହେଉଛି । ନିକଟସ୍ଥ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କୁ ସପ୍ତାହରେ ୩ଦିନ ଏଠାକୁ ପଠାଯାଇଥିବା ବେଳେ ଜଣେ ଫାର୍ମାସିଷ୍ଟଙ୍କ ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ରଟି ପରିଚାଳିତ ହେଉଛି । ଡାକ୍ତର ନ ଥିବାରୁ ଅନ୍ୟ ଦିନରେ ରୋଗୀ ସେବାରେ ସମସ୍ୟା ସୃଷ୍ଟି ହେଉଛି । ରାତି ସମୟରେ ରୋଗୀମାନେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ରହିବା ନିମନ୍ତେ ଆବଶ୍ୟକ ବାସଗୃହ ନାହିଁ। ସେମାନେ ବାହାରେ ଘରଭଡ଼ା ନେଇ ରହୁଛନ୍ତି । ଯଦି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କର୍ମଚାରୀ ମାନଙ୍କ ନିମନ୍ତେ ଆବଶ୍ୟକ ବାସଗୃହ ନିର୍ମାଣ କରାଯାଇ ପାରନ୍ତା ତା'ହେଲେ ରାତିରେ ରୋଗୀମାନଙ୍କୁ ସେବା ଯୋଗାଇବାରେ ଅସୁବିଧା ହୁଅନ୍ତା ନାହିଁ ବୋଲି ମତ ପ୍ରକାଶ ପାଇଛି । ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଅନାବନା ଗଛଲତାରେ ଭର୍ତ୍ତି ହୋଇ ରହିଛି । ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାଣି ଜମି ରହୁଛି । ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ବନମାଳୀପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ସ୍ଥାୟୀ ଡାକ୍ତର ନିଯୁକ୍ତି ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଧାରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଅବଗତ ଥିବା ନେଇ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଅଭିଷାର ପଣ୍ଡା ସୂଚନା ଦେଇଛନ୍ତି ।

## ୪ମାସ ପରେ ରାସ୍ତାରୁ ପିଚୁ ଉଠିଲା

ନୟାଗଡ଼,୧୧।୮(ଲୋକନାଥ ମିଶ୍ର)



■ ମୁକ୍କୁଲା ଡ୍ରେନ ପୋତି ହୋଇଗଲାଣି
■ ପାଣିରେ ପଡ଼ିଲା ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା
■ ମୁଖ୍ୟମନ୍ତ୍ରୀ ସଡ଼କର ରହିଲାନି ସ୍ଥାୟିତ୍ୱ

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହୋଇଥିବା ପିଚୁ ରାସ୍ତାରୁ ୪ମାସ ଭିତରେ ପିଚୁ ଉଠି ଯିବା ପରେ ସରକାରୀ ଅନୁଦାନ ଅପବ୍ୟୟ ହୋଇଥିବା ଅଭିଯୋଗ ହୋଇଛି। ପୁଣି ମୁକ୍କୁଲା ଡ୍ରେନ ପୋତି ହୋଇଗଲାଣି । ନିମ୍ନମାନର କାମ ହେଉଥିବା ଅଭିଯୋଗ ସତ୍ତ୍ୱେ ପ୍ରଶାସନିକସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା । ଏଣୁ ରାସ୍ତାର ସ୍ଥାୟିତ୍ୱ ନ ରହିବାରୁ ପାଣିପୋଇଲା ଡାକବଙ୍ଗଳାଠାରୁ ପଳାସପଡ଼ା ପର୍ଯ୍ୟନ୍ତ ରାସ୍ତାରୁ ପିଚୁ ଉଠି ମରଣଯନ୍ତା ପାଲଟିଛି । ରାସ୍ତା ନିର୍ମାଣ ପାଇଁ ସରକାର ଖର୍ଚ୍ଚ କରିଥିବା ୧କୋଟି ୨ ଲକ୍ଷ ୮୯ ହଜାର ଟଙ୍କା ପାଣିରେ ପଡିଛି ବୋଲି ଅଭିଯୋଗ ହୋଇଛି ।

ଖଣ୍ଡପଡା ପୂର୍ତ୍ତ ବିଭାଗ ରାସ୍ତାଠାରୁ କୋସ୍କା ପାଣିପୋଇଲା ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ପିଚୁ ରାସ୍ତାର ପାଣିପୋଇଲା ଡାକ ବଙ୍ଗଳାଠାରୁ ପଳାସପଡା ପର୍ଯ୍ୟନ୍ତ ପ୍ରାୟ ୨କିମି ରାସ୍ତା ପିଚୁ ଉଠିଗଲାଣି । କେଉଁଠି ରାସ୍ତା ଦବି ଗଲାଣି ତ ଆଉ କେଉଁଠି ପିଚୁ ଉଠି ଗାତ ହୋଇଛି। ପୁଣି ମୁକ୍କୁଳା ଡ୍ରେନ ପୋତି ହୋଇଗଲାଣି । ସଂପୃକ୍ତ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇ ୧କୋଟି ୨ ଲକ୍ଷ ୮୯ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ମୋଟ ୨ କିମି ୫୦ ମିଟର ରାସ୍ତାରୁ ପିଚୁ ରାସ୍ତା ୧କିମି ୯୨୨ ମିଟର ଥିବାବେଳେ କଂକ୍ରିଟ ରାସ୍ତା ୫୭୮ ମିଟର ରହିଛି । ସୂଚନାଫଳକରେ ରାସ୍ତାର କାର୍ଯ୍ୟ ଆରମ୍ଭ ୨୬।୪।୨୦୨୩ ଓ କାର୍ଯ୍ୟ ଶେଷ ତାରିଖ ୨୫।୮।୨୦୨୩ ରହିଛି । ତଥାପି ଏହି ଅବଧି ଭିତରେ ରାସ୍ତା କାମ ଶେଷ ହୋଇ ପାରି ନ ଥିଲା । ଗତ ୪ମାସ ତଳେ ରାସ୍ତା କାମ ଶେଷ ହୋଇଥିଲା । ରାସ୍ତା କାମ ଶେଷ ହେବା ପରେ ଧୀରେ ଧୀରେ ପିଚୁ ଉଠିବା ଆରମ୍ଭ ହୋଇଥିଲା । ଏବେ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠି ଗଲାଣି । ଅନ୍ୟପକ୍ଷେ ୫ ବର୍ଷ ପାଇଁ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ୫ ଲକ୍ଷ ୩୧ ହଜାର ଟଙ୍କା ଥିବାବେଳେ ରାସ୍ତାର ମରାମତି ମଧ୍ୟ କରାଯାଉନାହିଁ । ରାସ୍ତା ନିର୍ମାଣର ୪ମାସ ଭିତରେ ଯଦି ରାସ୍ତା ନଷ୍ଟ ହେବ ତେବେ ରାସ୍ତା ନିର୍ମାଣ କାହିଁକି କରାଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତୁରନ୍ତ ରାସ୍ତାକୁ ମରାମତି କରାଯାଉ । ନ ହେଲେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକ ଚେତାବନୀ ଦେଇଛନ୍ତି ।

